# ରାଜ୍ୟସଭା ନିର୍ବାଚନକୁ ବଳିଯିବ ଗଞ୍ଜାମ ଓକିଲ ସଂଘ ନିର୍ବାଚନ

ବ୍ରହ୍ମପୁର,୧୫ ।୩(ସମିସ)

ରାଜ୍ୟର ୪ଟି ରାଜ୍ୟସଭା ଆସନ ପାଇଁ ଭୋଟଗ୍ରହଣ ଆଜି । ଯେଉଁଥିପାଇଁ ବର୍ତ୍ତମାନ କିଛିଦିନ ହେଲା ରାଜ୍ୟ ରାଜନୀତି ସରଗରମ ରହିଛି। ଘୋଡାବେପାର ସହିତ କ୍ରସ ଭୋଟିଂର ଆଶଙ୍କା କରି ସବୁ ଦଳ ପକ୍ଷରୁ ହ୍ୱିପ ଜାରି କରାଯାଇଛି। କିଏ ନିଜ ବିଧାୟକଙ୍କୁ ନେଇ ରାଜ୍ୟ ବାହାରକୁ ଗଲାଣି ତ ଆଉ କିଏ ରାଜ୍ୟ ଭିତରେ ଏକାଠି କରି ନଜର ରଖିଛନ୍ତି।

ତେବେ ରାଜ୍ୟସଭା ନିର୍ବାଚନକୁ ବଳିଯିବ ଚଳିତ ବର୍ଷ ଗଞ୍ଜାମ ଓକିଲ ସଂଘ ନିର୍ବାଚନ। ଏଭଳି ଆଲୋଚନା ଏବେ ସବୁଠି। ସାଧାରଣତଃ ଗଞ୍ଜାମ ଓକିଲ ସଂଘ ନିର୍ବାଚନରେ ରାଜନୀତି ପ୍ରବେଶ କରି ନ ଥିବା ବେଳେ ଚଳିତବର୍ଷ କିନ୍ତୁ ଏଠି ଭିନ୍ନଚିତ୍ର ନଜରକୁ ଆସିଛି। ଯେକୌଣସି ନିର୍ବାଚନରେ ସରକାରୀ ଓ ବିରୋଧୀ ପ୍ରାର୍ଥୀଙ୍କ ମଧ୍ୟରେ ନିର୍ବାଚନ ଲଢ଼େଇ ହେଉଥିବା ବେଳେ ଗଞ୍ଜାମ ଓକିଲ ସଂଘ ନିର୍ବାଚନରେ ଚଳିତବର୍ଷ ସରକାରୀ ବନାମ ବେସରକାରୀ ଓକିଲଙ୍କ ମଧ୍ୟରେ ଲଢେଇ ହେବାକୁ ଥିବା ଏକ ରକମର ସ୍ପଷ୍ଟ ହୋଇଯାଇଛି। ପୂର୍ବରୁ ଏଭଳି ସ୍ଥିତି ନଥିଲେ ହେଁ ରବିବାର ନବନିଯୁକ୍ତ ସରକାରୀ ନନ୍‌କ୍ୟାଡର ଓକିଲଙ୍କ ପକ୍ଷରୁ ହୋଇଥିବା ଅଘୋଷିତ ହ୍ୱିପ ଜାରି ପରେ ସମସ୍ତେ ଗୋପାଳପୁର ଠାରେ ଏକାଠି ହୋଇ ଭୋଜିଭାତର ଆୟୋଜନ କରିବା ଏବଂ ସେଥିରେ ବେସରକାରୀ ଓକିଲଙ୍କୁ ଅଣଦେଖା କରିବା ଘଟଣା ଆଇନଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଯାହାକୁ ନେଇ ବିଭିନ୍ନ ସ୍ଥାନରେ ତଥା ବିଭିନ୍ନ ଓକିଲ ଗୋଷ୍ଠୀଙ୍କ ମଧ୍ୟରେ ଆଲୋଚନା ଜୋରଧରିଛି। ନବନିଯୁକ୍ତ ସରକାରୀ ଓକିଲଙ୍କ ମଧ୍ୟରେ ଏଭଳି କିଛି ଭୋଜିଭାତର ଆୟୋଜନ ବା ବୈଠକ ହୋଇଥିଲେ କେହି ଏହାକୁ ନେଇ ଚର୍ଚ୍ଚା ବା ଆଲୋଚନା କରିନଥାନ୍ତେ। ତେବେ ଯେହେତୁ ଚଳିତ ନିର୍ବାଚନରେ ଗଞ୍ଜାମ ଓକିଲ ସଂଘ ନିର୍ବାଚନରେ ବିଭିନ୍ନ ପ୍ରମୁଖ ପଦବୀରେ ନବନିଯୁକ୍ତ ସରକାରୀ ତଥା ନନକ୍ୟାଡର ଓକିଲଙ୍କ ମଧ୍ୟରୁ କିଛି ପ୍ରାର୍ଥୀ ହୋଇଛନ୍ତି ଏବଂ ସେମାନଙ୍କ ଉପସ୍ଥିତିରେ ଏଭଳି ରୁଦ୍ଧଦ୍ୱାର ବୈଠକର ଆୟୋଜନ ହୋଇଥିଲା ସେଥିପାଇଁ ଏଭଳି ଆଲୋଚନା ହେଉଛି।

ଏଠାରେ ଏହା ମଧ୍ୟ ସ୍ପଷ୍ଟ କରାଯାଉଛି ଯେ, ସରକାରୀ ଓକିଲଙ୍କ ଏଭଳି ବୈଠକର ଉଦ୍ଦେଶ୍ୟ କ'ଣ ସେନେଇ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ତେବେ ସର୍ବସାଧାରଣରେ ତଥା ବିଭିନ୍ନ ସୋସିଆଲ ମିଡିଆରେ ବୈଠକର କିଛି ଫଟୋ ଓ ଭିଡିଓ ଭାଇରାଲ ପରେ ଏନେଇ ଆଲୋଚନା ଜୋର୍ ଧରିଛି। ସରକାରୀ ଓକିଲମାନଙ୍କ ଏଭଳି ବୈଠକ ପରେ ବେସରକାରୀ ଓକିଲ ତଥା ଗଞ୍ଜାମ ଓକିଲ ସଂଘର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏବଂ ଚଳିତବର୍ଷ ନିର୍ବାଚନ ଦଳୀୟ ଭିତ୍ତିରେ ନୁହେଁ ବରଂ ସରକାରୀ ଓକିଲ ବନାମ ବେସରକାରୀ ଓକିଲଙ୍କ ମଧ୍ୟରେ ହେବ ଏବଂ ଏହା ବେସରକାରୀ ଓକିଲଙ୍କ ସମ୍ମାନ ଓ ଦୀର୍ଘର୍ ବର୍ଷର ପ୍ରତିଷ୍ଠାର ପ୍ରଶ୍ନ ବୋଲି ବହୁ ବରିଷ୍ଠ ଆଇନଜୀବୀ ମତ ଦେଇଛନ୍ତି। ତେବେ ରାଜ୍ୟସଭା ନିର୍ବାଚନର ଫଳାଫଳ କଣ ହେବ ତାହା ଯେଭଳି ନିର୍ବାଚନର ଫଳାଫଳ ଘୋଷଣା ପରେ ଜଣାପଡ଼ିବ ଠିକ ସେହିଭଳି ଗଞ୍ଜାମ ଓକିଲ ସଂଘର ନିର୍ବାଚନର ଫଳାଫଳ ଘୋଷଣା ପରେ ହିଁ ସ୍ପଷ୍ଟ ହେବ ସରକାରୀ ଅଥବା ବେସରକାରୀ ଓକିଲ କିଏ କାହାର ସମ୍ମାନ ରକ୍ଷା କରିବାରେ ସଫଳ ହେଲେ।



**ଭୋଜି ଆଳରେ ଏକାଠି ହେଲେ ନବନିଯୁକ୍ତ ସରକାରୀ ନନ୍‌କ୍ୟାଡର ଓକିଲ; ଅଘୋଷିତ ହ୍ୱିପ ଜାରି**

**ସରକାରୀ ଓକିଲଙ୍କ ମଧ୍ୟରେ ଅଛନ୍ତି ଅନେକ ପ୍ରାର୍ଥୀ, ଘୋଡାବେପାର ନୁହେଁ ; ଅଧିବକ୍ତାଙ୍କ ସମ୍ମାନର ପ୍ରଶ୍ନ**

**ରୋଚକ ହେବ 'ସରକାରୀ' ବନାମ 'ବେସରକାରୀ' ଓକିଲଙ୍କ ମଧ୍ୟରେ ନିର୍ବାଚନୀ ଲଢ଼େଇ**

## ପାଖରୀରେ ବୁଡ଼ି ନାବାଳକ ମୃତ

ଧରାକୋଟ,୧୫ ।୩(ସମିସ): ଧରାକୋଟ ବ୍ଲକ ଖଇରପୁଟି ଗାଁ ପୋଖରୀରେ ବୁଡ଼ି ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗାଁର ରତନ ନାହକ ଓ ରାଜୁତି ନାହାକଙ୍କ ପୁଅ ପବିତ୍ର ନାହକ (୯)। ରବିବାର ସନ୍ଧ୍ୟାରେ ସାଙ୍ଗମାନଙ୍କ ସହିତ ପବିତ୍ର ପୋଖରୀରେ ଗାଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ଗଭୀର ପାଣିରେ ବୁଡ଼ି ଯାଇଥିଲା। ଖବର ପାଇ ପରିବାର ଲୋକେ ତାକୁ ଉଦ୍ଧାର କରି ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ହାଇୱା ଧକ୍କାରେ ୨ ଗୁରୁତର

ବେଲଗୁଣ୍ଠା,୧୫ ।୩(ସମିସ): ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ଥାନା ଅନ୍ତର୍ଗତ ରତନପୁର ନିକଟରେ ଲୋହରାଖଣ୍ଡି ନଦୀ ହିଡ଼ରେ ଏକ ସଡ଼କ ଦୁର୍ଘଟଣାରେ ଦୁଇଜଣ ଗୁରୁତର ହୋଇଛନ୍ତି। ସୂଚନା ପ୍ରକାରେ, ସୋମନାଥପଲ୍ଲୀର ପ୍ରତାପ ଦାସ ଜଣେ ଟ୍ରାକ୍ଟର୍ ଚାଳକ। ଆଜି ସଂକ୍ରାନ୍ତି ଯୋଗୁଁ କାମ ଛୁଟି ଥିବାରୁ ପ୍ରତାପ ବେଲଗୁଣ୍ଠା ଥାନା ବଲାଡ଼ି ଗ୍ରାମରେ ରହୁଥିବା ନିଜ ସମ୍ପର୍କୀୟ ନିରଞ୍ଜନ ବେହେରାଙ୍କ ଘରକୁ ଯାଇ ମଧ୍ୟାହ୍ନରେ ନିରଞ୍ଜନଙ୍କ ପୁଅ ଜଗନ୍ନାଥ ବେହେରା(୨୫)ଙ୍କ ସହିତ ବାଇକ୍ ଯୋଗେ ନିଜ ଗ୍ରାମ ସୋମନାଥପଲ୍ଲୀକୁ ଫେରୁଥିଲେ।

ସ୍ଥାନୀୟ କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ପ୍ରକାରେ ଜଗନ୍ନାଥ ଏବଂ ପ୍ରତାପ ଏକ ବାଇକ୍‌ରେ ନଦୀ ହିଡ଼କୁ ଉଠିବାବେଳେ ପଛପଟୁ ଏକ ହାଇୱା ଆସି ଜଗନ୍ନାଥଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଜଗନ୍ନାଥ ଏବଂ ପ୍ରତାପ ଛିଟିକି ପଡ଼ିଥିଲେ। ଉଭୟେ ତଳେ ପଡ଼ିଯିବା ପରେ ହାଇୱାଟି ଜଗନ୍ନାଥଙ୍କ ଅଣ୍ଟା ଉପରେ ମାଡ଼ିଯାଇଥିଲା ଓ ପରେ ହାଇୱାଟି ପଛକୁ ଫେରିବାବେଳେ ତଳେ ପଡ଼ିଯାଇଥିବା ପ୍ରତାପଙ୍କ ହାତ ଉପରେ ମଧ୍ୟ ଚଢ଼ି ଯାଇଥିଲା। ଉଭୟଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିବା ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଜଗନ୍ନାଥ ଏବଂ ପ୍ରତାପ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଉଭୟଙ୍କୁ ସରକାରଙ୍କ ପକ୍ଷରୁ ଉନ୍ନତମାନର ଚିକିତ୍ସା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ବେଳେ ଖବର ପାଇ ଗାଙ୍ଗପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିଛି। ଘଟଣା ପରେ ହାଇୱା ଚାଳକ ଘଟଣାସ୍ଥଳରୁ ଚମ୍ପଟ୍ ମାରିଛି।

## ହୁତୁ ହୁତୁ ହୋଇ ଜଳିଗଲା ଚଳନ୍ତା ଗାଡ଼ି



ଛତ୍ରପୁର,୧୫ ।୩(ସମିସ): ହୁତୁ ହୁତୁ ହୋଇ ଜଳିଗଲା ଚଳନ୍ତା ଓଲା ଗାଡ଼ି। ଅଳ୍ପକେ ବର୍ତ୍ତିଥିଲେ ଚାଳକ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଛକଠାରୁ ବଣବୁଲାପଲ୍ଲୀ ଗ୍ରାମ ରାସ୍ତାରେ। ବଣବୁଲାପଲ୍ଲୀ ଗ୍ରାମର ପି. ମଳୟ ରେଡ୍ଡୀ ଶନିବାର ବିଳମ୍ବିତ ରାତିରେ ଆଇଆରଇଏଲ କମ୍ପାନୀରୁ ଡ୍ୟୁଟି ସାରି ନିଜ ଓଲା ଗାଡ଼ିରେ ଘରକୁ ଫେରୁଥିଲେ। ଚମାଖଣ୍ଡି ଛକ ଏବଂ ବଣବୁଲାପଲ୍ଲୀ ଯିବା ରାସ୍ତାରେ ହଠାତ୍ ଗାଡିରେ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳିଥିଲା। ସେ ଭୟଭୀତ ଅବସ୍ଥା ଗାଡି ଛାଡ଼ି ଅଳ୍ପ ଦୂରକୁ ଆସି ଛତ୍ରପୁର ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ଆସି ନିଆଁ ଲିଭାଇବାବେଳକୁ ଗାଡ଼ିଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଏନେଇ ମଳୟ ସୂଚନା ଦେବା ସହିତ ଚମାଖଣ୍ଡି ଥାନାରେ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି।

## ସୃଜନ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର

ଛତ୍ରପୁର,୧୫ ।୩(ସମିସ): ଛତ୍ରପୁର ସୃଜନ ସାହିତ୍ୟ ସଂସ୍କୃତି ସଂସଦ ତରଫରୁ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପ୍ରାଙ୍ଗଣରେ କବିତା ଆସର ଅନୁଷ୍ଠିତ ହୋଇଯାଇଛି। କବି ଡ଼. ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଆସରରେ ଅନେକ କବି ଓ ସାହିତ୍ୟପ୍ରେମୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ସୋମନାଥ ସାହୁ, ଚିତ୍ତରଞ୍ଜନ ପଣ୍ଡା, ସନ୍ତୋଷ କୁମାର ବାଡ଼ତ୍ୟା, ଶୈଳବାଳା ପାଣିଗ୍ରାହୀ, ରୀତା ରଥ, ଅଶ୍ୱିନୀ କୁମାର ଚୌଧୁରୀ, ଯତିରାଜ ନାୟକ, ଟି. ରାମାନୁଜ ଦାସ, ଦୁର୍ଗାଚରଣ ପଲେଇ, ଏ. ବିଶ୍ୱମ୍ବର, ନରେନ୍ଦ୍ର ପଣ୍ଡା, ଉମାକାନ୍ତ ବେହେରା, ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ବିଜୟ କୁମାର ବିଶ୍ୱାଳ କବିତା ଆସରର ସଂଯୋଜନା କରିଥିବା ବେଳେ ଅଶ୍ୱିନୀ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଖିଳ ଉତ୍କଳ ତେଲଙ୍ଗା ଦୋରା ସମାଜ ପକ୍ଷରୁ ଶୋକସଭା



ବ୍ରହ୍ମପୁର,୧୫ ।୩(ସମିସ): ହିଲପାଟଣାସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ପରିସରରେ ଅଖିଳ ଉତ୍କଳ ତେଲେଙ୍ଗା ଦୋରା ସମାଜ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ଇ. ମଦନ ଗୋପାଳ ଦୋରାଙ୍କ ବିୟୋଗରେ ଏହି ଶୋକସଭା ଅନୁଷ୍ଠିତ ହୋଇଥିଲା। ସମାଜର ସାଧାରଣ ସମ୍ପାଦକ ଜି. ଗୋପାଳ ରାଓ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକ ସଭାରେ ସ୍ୱର୍ଗତ ଇ. ମଦନ ଗୋପାଳ ଦୋରାଙ୍କ ଅମ୍ଳାର ସଦଗତି କାମନା କରାଯାଇଥିଲା। ଏଥିରେ ବ୍ରହ୍ମପୁର ସର୍କଲ ସଭାପତି ୟୁ. ରଘୁନାଥ ଦୋରା, ଉପଦେଷ୍ଟା ଏସ. ରାମା ରାଓ, ଖେକୁଣ୍ଡି ସର୍କଲ ସମ୍ପାଦକ ପି. ରାଜୁବାବୁ ଦୋରା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଦୋରାଙ୍କ ସ୍ମୃତିଚାରଣ କରିଥିଲେ।

## ସର୍ଟସର୍କିଟ୍‌ରୁ ଜଳିଗଲା ଘର

ପୁରୁଷୋତ୍ତମପୁର,୧୫ ।୩(ସମିସ): ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଗାଙ୍ଗଦହଣୀ ପଞ୍ଚାୟତ ଅଭି ସେଠୀଙ୍କ ଘରେ ସର୍ଟସର୍କିଟରୁ ନିଆଁ ଲାଗି ସମସ୍ତ ଜିନିଷପତ୍ର ପୋଡ଼ି ଯାଇଛି। ରବିବାର ସକାଳ ପ୍ରାୟ ୯ଟା ବେଳେ ଘରେ କେହି ନଥିବାବେଳେ ବିଦ୍ୟୁତ ସର୍ଟସର୍କିଟ ହୋଇ ଘରେ ନିଆଁ ଲାଗିଯାଇଥିଲା। ଫଳରେ ସୁନା ଅଳଙ୍କାର, ୪୫ ହଜାର ଟଙ୍କା, ଏସି, ଫ୍ରିଜ, କମ୍ପ୍ୟୁଟର, ଜେରକ୍ସ ମେସିନ, ଲାମିନେସନ ମେସିନ, ଟେଣ୍ଟ ହାଉସ, ଘର ଜମିର ସମସ୍ତ କାଗଜପତ୍ର, ପିଲାମାନଙ୍କ ସମସ୍ତ ସାର୍ଟିଫିକେଟ, ଘରର ସମସ୍ତ ଆସବାବପତ୍ର, ପାଖାପାଖି ୨୫ ଲକ୍ଷରୁ ଅଧିକ ଟଙ୍କାର ଜିନିଷ ସମ୍ପୂର୍ଣ୍ଣ ଭାବେ ପୋଡି ପାଉଁଶ ହୋଇଯାଇଥିବା ପରିବାର ଲୋକେ କହିଛନ୍ତି। ସ୍ଥାନୀୟ ଲୋକେ ଘରୁ ଧୂଆଁ ବାହାରୁଥିବା ଦେଖି ପୁରୁଷୋତ୍ତମପୁର ଦମକଳ ବାହିନୀକୁ ଫୋନ କରିବା ପରେ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ଘରର ସମସ୍ତ ଜିନିଷପତ୍ର ନଷ୍ଟ ହୋଇଯାଇଥିବା ସହ କାନ୍ଥ ମଧ୍ୟ ଫାଟି ଭାଙ୍ଗିଯାଇଛି। ଘରେ ଖାଇବା ପାଇଁ, ପିନ୍ଧିବା ପାଇଁ କୌଣସି ଜିନିଷ ପତ୍ର ନାହିଁ। ଏପରି ସମୟରେ ପରିବାରକୁ ଥଇଥାନ କରାଯାଇ ସରକାରୀ ସହାୟତା ପ୍ରଦାନ କରାଯାଉ ବୋଲି ସ୍ଥାନୀୟ ବାସିନ୍ଦା ମଧ୍ୟ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି।

## ମାଈ ହାତୀର ମୃତ୍ୟୁ; କାରଣ ଅସ୍ପଷ୍ଟ

ଭଞ୍ଜନଗର,୧୫ ।୩(ସମିସ): ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ କଦଳୀ ଗଡ଼ ଜଙ୍ଗଲରେ ଗୋଟିଏ ମାଈ ହାତୀର ମୃତ୍ୟୁ ଘଟିଛି। ଶନିବାର ବନ କର୍ମଚାରୀମାନେ ଏ ସମ୍ପର୍କରେ ଜାଣିବା ପରେ ଡିଏଫ୍‌ଓଙ୍କୁ ସୂଚନା ଦେଇଥିଲେ। ହାତୀଟିର ୫ ଦିନ ପୂର୍ବରୁ ମୃତ୍ୟୁ ହୋଇଥିବା ଡିଏଫ୍‌ଓ ଅନୁମାନ କରିବା ପରେ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ରବିବାର ଭୁବନେଶ୍ୱରରୁ ଜେଟିଏଫ୍ ଏସ୍‌ପିଙ୍କ ଉପସ୍ଥିତିରେ ୩ ଜଣ ବିଭିଓଙ୍କ ଦ୍ୱାରା ହାତୀଟିର ଶବ ବ୍ୟବଚ୍ଛେଦ କରାଯାଇଛି। ଏହାର ଲଙ୍ଗସ୍, ଲିଭର, କିଡନୀ ସମେତ ଶରୀରର କିଛି ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ମଧ୍ୟ ସଂଗ୍ରହ କରାଯାଇ ଅଧିକ ପରୀକ୍ଷା ନିରୀକ୍ଷା ପାଇଁ ଭୁବନେଶ୍ୱର ସ୍ଥିତ ସେଣ୍ଟର ଫର ୱାଇଲ୍ଡ ଲାଇଫ୍ ହେଲ୍‌ଥକୁ ପଠାଯାଇଥିବା ଡିଏଫଓ ହିମାଂଶୁ ଶେଖର ମହାନ୍ତି ସୂଚନା ଦେଇଛନ୍ତି। ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ତାରାସିଂ ବନାଞ୍ଚଳ ଅନ୍ତର୍ଗତ ଗାୟଗଣ୍ଡା ସେକ୍ସନ କଦଳୀଗଡ଼ ଆମ୍ବଝର ସଂରକ୍ଷିତ ଜଙ୍ଗଲ ଭାଗ ୧୩ଠାରୁ ପାଖାପାଖି ୭୦୦ ମିଟର ଦୂରରେ ଥିବା ରାଜସ୍ୱ ଜଙ୍ଗଲରେ ଉକ୍ତ ମାଈ ଗୁଣ୍ଡୁଣି ହାତୀଟିର ମୃତଦେହ ପଡ଼ିଥିଲା। ତେବେ ପାଖାପାଖି ଏକ ସପ୍ତାହ ହେଲା ହାତୀଟିର ମୃତ୍ୟୁ ଘଟିଥିବା ବେଳେ ବନ କର୍ମଚାରୀମାନେ ଶନିବାର ସନ୍ଧ୍ୟାରେ ହାତୀ ମରିଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଡିଏଫଓଙ୍କୁ ସୂଚନା ଦେବା ପରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ସନ୍ଧ୍ୟା ହୋଇଯିବାରୁ ରବିବାର ଶବ ବ୍ୟବଚ୍ଛେଦ କରିବାକୁ ପ୍ରସ୍ତୁତ କରାଯାଇଥିଲା। ଖବରପାଇ ଭୁବନେଶ୍ୱରରୁ ଜେଟିଏଫ୍ ଏସ୍‌ପି ବଟକୃଷ୍ଣ ମିଶ୍ର ପହଞ୍ଚିବା ପରେ ଆରସିସିଏଫଙ୍କ ଉପସ୍ଥିତିରେ ଓ ୩ ଜଣ ବିଭିଓଙ୍କ ଦ୍ୱାରା ହାତୀର ଶବ ବ୍ୟବଚ୍ଛେଦ କରାଯାଇଥିଲା। ଏହି ସମୟରେ ଡିଏଫଓ ମହାନ୍ତିଙ୍କ ସମେତ ଏସିଏଫ ବିମଳ ପ୍ରଧାନ, ବିବେକ ଦାଶ, ତାରା ସିଂ ରେଞ୍ଜର ପ୍ରଶାନ୍ତ କୁମାର ବେହେରା, ସ୍ଥାନୀୟ ସରପଞ୍ଚ ଓ ରାଜସ୍ୱ ନିରୀକ୍ଷକ ପ୍ରମୁଖ ସେଠାରେ ଉପସ୍ଥିତ ଥିଲେ।

## ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ପାଇଁ ଶୁଭଖୁଣ୍ଟି



ଆସିକା,୧୫ ।୩(ସମିସ): ଆସିକାର ଆରାଧ୍ୟ ଦେବୀ ମା'ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ଲାଗି ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ରବିବାର ଅପରାହ୍ନ ସମୟରେ ମା'ଙ୍କ ଠାରେ ରୀତିନୀତି ପୂଜା ଅର୍ଚ୍ଚନା ପରେ ଶୁଭ ଖୁଣ୍ଟି ସ୍ଥାପନ ହୋଇଥିଲା। ମା'ଙ୍କ ଆଜ୍ଞା ମାଳ ଆସିବା ପରେ ମନ୍ଦିର ପରିଚାଳନା କମିଟି, ପୂଜକ, ସାହିବାସୀ, ସମୂହ ମିଶି ଶୁଭ ଖୁଣ୍ଟିକୁ ସ୍ଥାପନ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗ୍ରାମବାସୀ, ପୂଜକ, ବାରିକ, ଯାତ୍ରା କମିଟି ସଦସ୍ୟ ମାନେ ଉପସ୍ଥିତ ରହି ଯାତ୍ରା ପରିଚାଳନା ନିମନ୍ତେ ସୁଚିନ୍ତିତ ମତ ରଖିଥିଲେ। ଚୈତ୍ର ପୂର୍ଣ୍ଣିମା ଠାରୁ ମା'ଙ୍କ ନଗର ପରିକ୍ରମା ଆରମ୍ଭ ହୋଇ ବୈଶାଖୀ ଯାତ୍ରା ଏପ୍ରିଲ ୨୬ରେ ଶେଷ ହେବା ନେଇ ବୈଠକରେ ସ୍ଥିର ହୋଇଛି। ବୈଠକରେ କମିଟି ସଭ୍ୟ ମନୋଜ ମୁନୀ, ସଚ୍ଚିଦାନନ୍ଦ ଖଟେଇ, ଯାତ୍ରା କମିଟି ସଭାପତି ନିମେଇ ପାଣିଗ୍ରାହୀ, ଅର୍ଚ୍ଚକ, ବାରିକ, ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ଅଲିଭ୍ ରିଡ୍‌ଲେଙ୍କ ଗଣଅଣ୍ଡାଦାନ ଆରମ୍ଭ



ଗଞ୍ଜାମ,୧୫ ।୨(ସମିସ): ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସାମୁଦ୍ରିକ କଇଁଛଙ୍କ ଏକ୍ଟୁଡ଼ିଶାଳ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଁଣ ସମୁଦ୍ର ବେଳାଭୂମିରେ ଅଲିଭ ରିଡଲେଙ୍କ ସାମୂହିକ ଗଣ ଅଣ୍ଡାଦାନ ପର୍ବ ଆରମ୍ଭ ହୋଇଛି। ଦକ୍ଷିଣା ପବନର ପ୍ରଭାବ ଓ ଅନୁକୂଳ ପାଗ ଯୋଗୁଁ ଗତ ବଡ଼ି ଭୋର ସମୟରୁ ୧୦ ହଜାର ୨୨୦ ଗୋଟି ଅଲିଭ ରିଡଲେ ମାଁ କଇଁଛ ସମୁଦ୍ରର ନୀଳ ଜଳରାଶୀ ମଧ୍ୟରୁ ବେଳାଭୂମି ଉପରକୁ ଉଠିଆସି ଗଣ ଅଣ୍ଡାଦାନ କରିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ବିଶେଷ କରି ଏହି ବିରଳ ପ୍ରଜାତିର କଇଁଛ ମାନେ ବେଳାଭୂମି ଉପରକୁ ଉଠି ଆସିବା ପରେ ସେମାନଙ୍କ ପଛ ପାଶ୍ୱର୍ରେ ରହିଥିବା ଦୁଇଟି ଗୋଡ଼ ସାହାଯ୍ୟରେ ଗର୍ତ୍ତ କରି ଅଣ୍ଡାଦାନ କରିବା ପରେ ପୁଣି ସେହିସ୍ଥାନକୁ ସେହି ପଛ ପାଶ୍ୱର୍ରେ ରହିଥିବା ଗୋଡ଼ ସାହାଯ୍ୟରେ ଘୋଡାଇ ଦେଇ ନିଜ ଶରୀର ସାହାଯ୍ୟରେ ସେହି ସ୍ଥାନକୁ ବାଡେଇ ଶକ୍ତ କରିଦେବା ପରେ ପୁଣି ସମୁଦ୍ର ମଧ୍ୟକୁ ଗୁରୁଣ୍ଡି ଗୁରୁଣ୍ଡି ଚାଲିଯାଇଥାନ୍ତି। ଗତ ବର୍ଷ ରେକର୍ଡ ସଂଖ୍ୟକ ୬ଲକ୍ଷ ୯୮ ହଜାର ୭୧୮ ସାମୂହିକ ଅଣ୍ଡାଦାନ ହୋଇଥିବା ବେଳେ ଚଳିତ ବର୍ଷ ମଧ୍ୟ ଗତ ବର୍ଷ ଠାରୁ ଅଧିକ ସଂଖ୍ୟକ ଆମୁହିକ ଅଣ୍ଡାଦାନ ହେବ ବୋଲି ଆଶା କରାଯାଉଛି। ଗଣ ଅଣ୍ଡାଦାନ ସୂଚନା ପାଇ ପର୍ଯ୍ୟଟକ, ବନ ବିଭାଗ, ପରିବେଶବିତ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳି ଯାଇଛି। ଅନ୍ୟପଟେ ଡିଏଫଓ ସନି ଖୋଖର, ଏସିଏଫ ଦିବ୍ୟ ଶଙ୍କର ବେହେରା ଋଷିକୁଲ୍ୟା ମୁହାଁଣ ସମୁଦ୍ର ବେଳାଭୂମିରେ ପହଞ୍ଚି ସେମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରିବା ପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବେଳାଭୂମି ୫୦ ଗୋଟି ସେଗମେଣ୍ଟ କରାଯାଇଛି। ପ୍ରତି ସେଗମେଣ୍ଟରେ ଦୁଇ ଜଣ କରି ୧୨ ଘଣ୍ଟା ପରେ ଆଉ ଦୁଇଜଣ ଏପରିକି ୨୦୦ ଜଣ ଲୋକଙ୍କୁ ମୁତୟନ କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

## ତାମ୍ପରା ହ୍ରଦ ଏବଂ ବେଳାଭୂମି ସଫେଇ

ଛତ୍ରପୁର,୧୫ ।୩(ସମିସ): ପରିବେଶ ପାଇଁ ବିପଦ ପ୍ଲାଷ୍ଟିକ ଏବଂ ପଲିଥିନ। ଏହା ଉପରେ ରୋକ ଲଗାଇବା ଏବଂ ଜନସାଧାରଣମାନେ କିପରି ଏଥିରୁ ଦୂରେଇ ରହିବେ ସେଥିପାଇଁ ସଚେତନ କରାଯାଉଛି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଆଜି ତାମ୍ପରା ହ୍ରଦରେ ପହଞ୍ଚି ବେଳାଭୂମି ଏବଂ ହ୍ରଦର ସଫେଇ ଅଭିଯାନ କାର୍ଯ୍ୟକ୍ରମରେ ଖୋଦ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡ଼ାଇ, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ପୁଲିସ ରିଜର୍ଭ ଇନ୍ସପେକ୍ଟର ବିକାଶ ସେନାପତି, ସରଜେଣ୍ଟ ଜଗନ୍ନାଥ ବରାଡ଼ଙ୍କ ସମେତ ବହୁ ପୁଲିସ କର୍ମଚାରୀ ଓ ସ୍ଥାନୀୟ ଯୁବକ ଏବଂ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ ବେଳାଭୂମି ଅଞ୍ଚଳରେ ସ୍ଥାନୀୟ ଥାନା ପୁଲିସ ଓ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଏନେଇ କମ୍ୟୁନିଟି ପୁଲିସ ଅଧୀନରେ ଗଞ୍ଜାମ ପୁଲିସ ପକ୍ଷରୁ ଛତ୍ରପୁର ଗୋରୀ ଶଙ୍କର ମନ୍ଦିର ନିକଟ ଲାଇନସାହି ବନ୍ଧ, ଆର୍ଯ୍ୟପଲ୍ଲୀ ବେଳାଭୂମି, ହରିପୁର ବେଳାଭୂମି, ବଟେଶ୍ୱର ମନ୍ଦିର ବେଳାଭୂମି, ଚିଲିକା ହ୍ରଦ, ତାମ୍ପରା ହ୍ରଦରେ ବେଳାଭୂମି ଏବଂ ହ୍ରଦ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



**ସାମିଲ ହେଲେ ଗଞ୍ଜାମ ଏସ୍‌ପି**


**ଗ୍ୟାସ୍ ବିତରଣରେ ବ୍ୟାପକ ଅନିୟମିତତା**

# ଉତ୍ତେଜନା ପରେ ବିତରଣ କେନ୍ଦ୍ରରେ ପୁଲିସ ମୁତୟନ

ବେଲଗୁଣ୍ଠା,୧୫ ।୩(ସମିସ)

ବେଲଗୁଣ୍ଠା ସହରର କେଏସ୍‌ୟୁବି ଇନ୍‌ଡେନ୍ ଗ୍ୟାସ ବିତରଣ କେନ୍ଦ୍ରରେ ରବିବାର ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ଯେଉଁଠାରେ ଗ୍ୟାସ ବିତରଣରେ ବ୍ୟାପକ ଅନିୟମିତତା ଅଭିଯୋଗ ଆଣି ଗ୍ରାହକମାନେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ବିଶେଷକରି ବର୍ତ୍ତମାନର ଅନିଶ୍ଚିତତା କିମ୍ବା ଯୁଦ୍ଧକାଳୀନ ପରିସ୍ଥିତିକୁ ନେଇ ରନ୍ଧନ ଗ୍ୟାସ ସିଲିଣ୍ଡରର କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି କିମ୍ବା ବଜାରରେ ସତରେ ଅଭାବ ରହିଛି, ସେନେଇ ଗ୍ରାହକଙ୍କ ମଧ୍ୟରେ ଏକ ପ୍ରକାର ଭୟ ଓ ଆତଙ୍କ ଖେଳିଯାଇଛି। ଗ୍ୟାସ୍ ଏକ ଅତ୍ୟାବଶ୍ୟକ ଦୈନନ୍ଦିନ ସାମଗ୍ରୀ ହୋଇଥିବାବେଳେ ଏହାର ସଠିକ୍ ପରିଚାଳନା ନହେବା ସାଧାରଣ ଜନଜୀବନକୁ ବ୍ୟତିବ୍ୟସ୍ତ କରିପକାଇଛି। ଗତ କିଛିଦିନ ହେବ ଅନଲାଇନ୍ ଗ୍ୟାସ୍ ବୁକିଂ ବାଧାପ୍ରାପ୍ତ ହୋଇଥିବାରୁ ଶହ ଶହ ଗ୍ରାହକ ବାଧ୍ୟ ହୋଇ ବିତରଣ କେନ୍ଦ୍ରକୁ ଧାଇଁଥିଲେ। ମାତ୍ର ସେଠାରେ ପହଞ୍ଚିବା ପରେ ସେମାନେ ଦେଖିବାକୁ ପାଇଥିଲେ ଯେ, ବହୁ ପୂର୍ବରୁ ଅନ୍ୟ ଗ୍ରାହକଙ୍କ ନାମରେ ବୁକିଂ ହୋଇ ସିଲିଣ୍ଡର ଗୁଡ଼ିକ ଡେଲିଭରୀ କରାଯାଇସାରିଛି। ଗ୍ରାହକଙ୍କ ଅଜାଣତରେ ସେମାନଙ୍କ ନାମରେ ବୁକିଂ ଦେଖାଇ ଗ୍ୟାସକୁ କଳାବଜାରୀ କରାଯାଉଥିବା ନେଇ ସନ୍ଦେହ ଘନୀଭୂତ ହେବା ପରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। ଏହି ସମୟରେ ବିତରକ ସଂସ୍ଥାର କର୍ମଚାରୀମାନେ ଗ୍ରାହକଙ୍କ ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ଖବର ପାଇ ବେଲଗୁଣ୍ଠା ଥାନାଧିକାରୀ ରେବତୀ ଶବର ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ। ସେ ସେଠାକୁ ଦୁଇ ଜଣ କନେଷ୍ଟବଳଙ୍କୁ ମୁତୟନ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ପୁଲିସର ହସ୍ତକ୍ଷେପ ଓ ଉପସ୍ଥିତି ପରେ ଧୀରେ ଧୀରେ ଗ୍ୟାସ୍ ବିତରଣ ସ୍ୱାଭାବିକ ହୋଇଥିଲା। ତଥାପି, ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ କମିନାହିଁ। ସେମାନଙ୍କ ଅଗୋଚରରେ ଗ୍ୟାସ ବୁକିଂ କରାଯାଇ ଖୋଲା ବଜାରରେ ଚଢ଼ା ଦରରେ ବିକ୍ରି କରାଯାଉଥିବା ନେଇ ହେଉଥିବା ଅଭିଯୋଗର ଏକ ନିରପେକ୍ଷ ତଦନ୍ତ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।





**ପୀତବାସ ପଣ୍ଡା ହତ୍ୟା ମାମଲା**

# ହାଇକୋର୍ଟରେ ବିକ୍ରମଙ୍କ ଜାମିନ ଆବେଦନର ଶୁଣାଣି ଆଜି

**ବ୍ରହ୍ମପୁର,୧୫ ।୩(ସମିସ):** ବହୁ ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଆଜି ହାଇକୋର୍ଟରେ ଅଛି । ପୂର୍ବରୁ ଏହି ପିଟିସନ ଉପରେ ଦୁଇଥର ଶୁଣାଣି ହୋଇସାରିଥିବା ବେଳେ ଆଜି ତୃତୀୟ ଥର ପାଇଁ ଶୁଣାଣି ହେବ । ମାମଲାରେ ବିକ୍ରମଙ୍କ ସମେତ ମୋଟ ୧୬ ଜଣଙ୍କୁ ପୁଲିସ ଗିରଫ କରିଛି । ବିକ୍ରମଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ସେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ସୁରକ୍ଷା ଦୃଷ୍ଟିକୋଣରୁ ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ ଦାଶ ଫୁଲବାଣୀ ମଣ୍ଡଳ କାରାଗାରରେ ବନ୍ଦୀ ଅଛନ୍ତି । ସେହିଭଳି ଆଇନଜୀବୀ ମଦନ ଦଳେଇଙ୍କ ଗୋଡରେ ସମସ୍ୟା ଥିବା କାରଣରୁ କୋର୍ଟଙ୍କ ଅନୁମତି ପରେ ତାଙ୍କୁ ଶନିବାର ଏମ୍‌କେସିଜି ହସ୍ପିଟାଲ ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଛି । ଫଳରେ କର୍ପୋରେଟର ମଳୟ ବିଶୋୟୀଙ୍କ ସମେତ ମାମଲାରେ ଗିରଫ ଅନ୍ୟ ୧୨ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବନ୍ଦୀ ଅଛନ୍ତି । ହାଇକୋର୍ଟରେ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କ ଅଦାଲତରେ ଏହି ମାମଲାର ଶୁଣାଣି ଜାରି ରହିଛି । ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଜାରି ରହିଥିବା ବେଳେ ପରବର୍ତ୍ତି ସମୟରେ ପର୍ଯ୍ୟାୟ କ୍ରମେ ପୂର୍ବତନ ମେୟର ଶିବଶଙ୍କର ଦାଶ ଓ ଆଇନଜୀବୀ ମଦନ ଦଳେଇଙ୍କ ପକ୍ଷରୁ ମଧ୍ୟ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରାଯାଇଛି । ଫଳରେ ସମସ୍ତ ୩ଜଣଙ୍କ ଜାମିନର ଶୁଣାଣି ଏକକାଳୀନ ହେବ ବୋଲି ସୂଚନା ମିଳିଛି ।

- ଭେଷଜ ବିଭାଗରେ ଅସୁସ୍ଥ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଚିକିତ୍ସା ଜାରି
- ସ୍ୱାସ୍ଥ୍ୟଗତ କାରଣରୁ ଏମକେସିଜିରେ ଭର୍ତ୍ତି ହେଲେ ଆଇନଜୀବୀ ମଦନ ଦଳେଇ

# ପୋଖରୀରୁ ମୃତଦେହ ଉଦ୍ଧାର

**ବ୍ରହ୍ମପୁର,୧୫ ।୩(ସମିସ):** ବୈକୁଣ୍ଠନଗର ଛକ ସ୍ଥିତ ଗୋଲାପଲ୍ଲୀ ସାହି ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତହେଦ ଉଦ୍ଧାର ହୋଇଛି । ମୃତକଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ବୟସ ପାଖାପାଖି ୫୦ରୁ ୫୫ବର୍ଷ ହେବ । ରବିବାର ସନ୍ଧ୍ୟାରେ ପୋଖରୀରେ ମୃତଦେହ ଭାସୁଥିବା କିଛିଲୋକ ଦେଖିଥିଲେ । ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିଥିଲେ । ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲକୁ ପଠାଯାଇଛି ।

# ବଦଳିଲା ବସ୍‌ଷ୍ଟାଣ୍ଡ; ସ୍ଥାନାନ୍ତର ହେଉନି ଆହାର କେନ୍ଦ୍ର

- ଦାନା ମୁଠେ ପାଇଁ ହନ୍ତସନ୍ତ ଯାତ୍ରୀ



**ବ୍ରହ୍ମପୁର,୧୫ ।୩(ସମିସ):** ବ୍ୟସ୍ତବହୁଳ ସହର ବ୍ରହ୍ମପୁର । ଟ୍ରାଫିକ ସମସ୍ୟା ବି ଏଠାରେ ଦିନକୁ ଦିନ ଅଣାୟତ । ଏଥିଲାଗି ଗେଟବଜାର ଓଭରବ୍ରିଜ ନିର୍ମାଣକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହିକ୍ରମରେ ସହରକୁ ଯାତାୟତ କରୁଥିବା ବସ୍‌କୁ ସହର ବାହାରେ ରୋକିବାକୁ ଗୁରୁତ୍ୱ ଦିଆଯାଇ ଦୁଇଟି ନୂତନ ବସଷ୍ଟାଣ୍ଡ କରାଯାଇଛି । ସହର ମଧ୍ୟରେ ଥିବା ନୂଆ ବସଷ୍ଟାଣ୍ଡକୁ ସ୍ଥାନାନ୍ତର କରାଯାଇଛି । ଗତ କିଛିଦିନ ପୂର୍ବେ ସହରର ନୂଆ ବସ୍‌ଷ୍ଟାଣ୍ଡକୁ ଡୁଡୁମା କଲୋନୀ ଓ ହଳଦିଆପଦରକୁ ସ୍ଥାନାନ୍ତର କରାଯାଇଥିଲା । ନୂଆ ବସଷ୍ଟାଣ୍ଡରେ ପ୍ରତିଦିନ ଶତାଧିକ ଯାତ୍ରୀ ଓ ବସ କର୍ମଚାରୀଙ୍କ ଗହଳିକୁ ଦୃଷ୍ଟିରେ ରଖି ଏକ ଆହାର କେନ୍ଦ୍ରର ଶୁଭାରମ୍ଭ କରାଯାଇଥିଲା । ହେଲେ ଏବେ ବସଷ୍ଟାଣ୍ଡ ସ୍ଥାନାନ୍ତର ହେବା ଫଳରେ ଏଠାରେ ଲୋକଙ୍କ ସଂଖ୍ୟା କମିଯାଇଛି । ଏହିକ୍ରମରେ ନୂତନ ବସ୍‌ଷ୍ଟାଣ୍ଡରେ ଆହର କେନ୍ଦ୍ର ଖୋଲିନି । ଏଥିଯୋଗୁଁ ଯାତ୍ରୀମାନେ ୫ଟଙ୍କାରେ ଖାଦ୍ୟର ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଡୁଡୁମା କଲୋନୀ ବସ୍‌ଷ୍ଟାଣ୍ଡ ପରିସରରେ କୌଣସି ହୋଟେଲ କିମ୍ବା ଖାଦ୍ୟ ସୁବିଧା ନଥିବାରୁ ଯାତ୍ରୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ଯାତ୍ରା କରିବାକୁ ଥିବା ଯାତ୍ରୀମାନେ ଖାଦ୍ୟ ପାଇଁ ଅନ୍ୟ ଅଞ୍ଚଳକୁ ଯିବାକୁ ବାଧ୍ୟ ହେଉଛନ୍ତି । ଯାହା ତାଙ୍କର କଷ୍ଟକୁ ଦ୍ୱିଗୁଣିତ କରିଛି । ଅନ୍ୟପକ୍ଷରେ ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ଏବେ ମଧ୍ୟ ଏହି କେନ୍ଦ୍ର ଚାଲୁଥିବା ବେଳେ ୮୫୦ମିଲସ ପରିବର୍ତ୍ତେ ୪୫୦ରୁ ୫୦୦ମିଲ ବିକ୍ରି ହେଉଛି । ନୁଆ ବସ୍‌ଷ୍ଟାଣ୍ଡ ସ୍ଥିତ ଆହାର କେନ୍ଦ୍ରରେ ଉପରେ ଆଖପାଖ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ସମେତ ଅନ୍ୟମାନେ ନିର୍ଭର କରୁଛନ୍ତି । ସେପଟେ ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତରିତ ପରେ ପୂର୍ବ ତୁଳନାରେ ଆହାର କେନ୍ଦ୍ରରେ ମିଲସ ବିକ୍ରି ଭାରି ହ୍ରାସ ପାଇଛି । ଏଥିରୁ ଆହାର କେନ୍ଦ୍ରର ପରିଚାଳନା କରୁଥିବା କର୍ମଚାରୀ ଓ ଲାଭାନ୍ୱିତମାନେ ଅସୁବିଧାରେ ପଡ଼ିଛନ୍ତି । ସ୍ଥାନୀୟ ଲୋକ ଓ ଯାତ୍ରୀମାନେ ବସ୍‌ଷ୍ଟାଣ୍ଡ ପରିସରରେ ଶୀଘ୍ର ଆହାର କେନ୍ଦ୍ର ସ୍ଥାପନ କିମ୍ବା ପୁରୁଣା କେନ୍ଦ୍ରକୁ ସ୍ଥାନାନ୍ତର କରିବା ପାଇଁ ଦାବି କରିଛନ୍ତି ।

**‘ଶ୍ରୀଜଗନ୍ନାଥ ଏକ୍ସପ୍ରେସ’ରେ ଅସୁରକ୍ଷିତ ‘ସୁଭଦ୍ରା’**

# ରାତିଅଧରେ ମହିଳାଙ୍କୁ ରାଜପଥରେ ଓହ୍ଲାଇ ପଳାଉଛି

- ବ୍ରହ୍ମପୁର ସହରକୁ ପ୍ରବେଶ ନକରି ବାଇପାସରେ ଯାଉଛି ହଳଦିଆପଦର ବସଷ୍ଟାଣ୍ଡ
- ସିଟି ବସଷ୍ଟାଣ୍ଡ ହଳଦିଆପଦରକୁ ସ୍ଥାନାନ୍ତରପରେ ସୃଷ୍ଟି ହୋଇଛି ସମସ୍ୟା

**ବ୍ରହ୍ମପୁର,୧୫ ।୩(ସମିସ):**

ରାଜ୍ୟରେ ମହିଳା ଅସୁରକ୍ଷିତ । ନିୟମିତ ବ୍ୟବଧାନରେ ବିଭିନ୍ନ ସ୍ଥାନରେ ବଢ଼ିଚାଲିଛି ମହିଳାଙ୍କ ପ୍ରତି ଅସଦାଚରଣ ଓ ଦୁଷ୍କର୍ମ । ଖାସ କରି ଗୋପାଳପୁର ଥାନା ଇଲାକାରେ ଏହି ସଂଖ୍ୟା ଅଧିକ । ଖୋଦ୍ ପରିବହନ ମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀ ଗୋପାଳପୁରରେ ଏହି ସମସ୍ୟା ଅଧିକ ଥିବା ବେଳେ ଏଠାରେ ‘ସୁଭଦ୍ରା’ ବା ମହିଳାମାନେ ଅସୁରକ୍ଷିତ । ଏଭଳି ସ୍ଥିତିରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଉଥିବା ନେଇ ଦ୍ୱାହି ଦେଇ ରାଜ୍ୟର ଡବଲ ଇଂଜିନ ସରକାରଙ୍କ ପକ୍ଷରୁ ‘ସୁଭଦ୍ରା’ ଯୋଜନା କାର୍ଯ୍ୟକାରୀ କରାଯାଇଥିବା ବେଳେ ଏଠାରେ ଖୋଦ୍ ‘ସୁଭଦ୍ରା’ମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ପୂର୍ବ ସରକାର ଅମଳରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଇ ପ୍ରଥମ ରାଜ୍ୟ ଭାବେ ୩୩ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା । ସେହିଭଳି ରାଜ୍ୟ ସଡକ ପରିବହନ ନିଗମ ପକ୍ଷରୁ ଚାଲୁ କରାଯାଇଥିବା ସ୍ୱତନ୍ତ୍ର ‘ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ’ ଭଲଭୋ ବସରେ ମହିଳାଙ୍କ ପାଇଁ ୫୦ପ୍ରତିଶତ ରିହାତିର ବ୍ୟବସ୍ଥା କରାଯାଇଥିଲା । ତେବେ ସରକାର ବଦଳିବା ସହିତ ବ୍ୟବସ୍ଥାରେ ହୋଇଛି ପରିବର୍ତ୍ତନ । ବସର ‘ରଙ୍ଗ’ ବଦଳିବା ସାଙ୍ଗକୁ ବଦଳିଛି ‘ଢଙ୍ଗ’ । ନିକଟରେ ସହର ମଧ୍ୟରୁ ସିଟି ବସଷ୍ଟାଣ୍ଡକୁ ଡୁଡୁମା କଲୋନୀ ଅସ୍ଥାୟୀ ବସଷ୍ଟାଣ୍ଡକୁ ସ୍ଥାନାନ୍ତର ସହିତ ହଳଦିଆପଦର ଠାରେ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ପରେ ସୃଷ୍ଟି ହୋଇଛି ଜଟିଳ ଅବସ୍ଥା । ଖାସ କରି ଓଏସଆରଟିସି ପକ୍ଷରୁ ଭୁବନେଶ୍ୱର ଠାରୁ ବ୍ରହ୍ମପୁର ମଧ୍ୟରେ ଚାଲୁ ରହିଥିବା ‘ଶ୍ରୀଜଗନ୍ନାଥ ଏକ୍ସପ୍ରେସ’ ବସରେ । ଏହି ବସଗୁଡ଼ିକ ପୂର୍ବଭଳି ସହର ଭିତରେ ଯାତାୟତ ନକରି ବାଇପାସରେ ଅର୍ଥାତ୍ ଜାତୀୟ ରାଜପଥରେ ଯାତାୟତ କରୁଛି । ଯାହାକୁ ନେଇ ଯାତ୍ରୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ନିକଟରେ ଏହି ବସରେ ଯାତ୍ରୀ ଭଡ଼ା ୭୫ଟଙ୍କା ବୃଦ୍ଧି ସହିତ ବସର ରହଣୀ ସ୍ଥଳକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଥିବା ଅସନ୍ତୋଷକୁ ନେଇ ଦୈନିକ ‘ସକାଳ’ରେ ଖବର ପ୍ରକାଶ ପାଇଥିଲା । ଏହାପରେ ଅବଶ୍ୟ ଅଭିଯୋଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଓଏସଆରଟିସି କର୍ତ୍ତୃପକ୍ଷ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସକୁ ସହର ଭିତରେ ଚଳାଚଳ ପୁନଃ ଆରମ୍ଭ କରିଛନ୍ତି । ତେବେ ରାତିରେ ଭୁବନେଶ୍ୱରରୁ ଫେରିବା ବେଳେ ବସ୍ ଗୁଡିକ ବ୍ରହ୍ମପୁର ସହରରେ ପ୍ରବେଶ ନକରି ଜାତୀୟ ରାଜପଥରେ ବା ବାଇପାସରେ ଯାତାୟତ କରୁଛି । ଫଳରେ ଏକୁଟିଆ ଆସୁଥିବା ମହିଳାଙ୍କୁ ରାତିରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ଅସୁରକ୍ଷିତ ଭାବେ ଗନ୍ତବ୍ୟ ସ୍ଥଳକୁ ଯାଉଛନ୍ତି । ଭୁବନେଶ୍ୱରକୁ ଅପରାହ୍ନରେ ବ୍ରହ୍ମପୁରକୁ ଯଥାକ୍ରମେ ୩ଟା ୩୦ମିନିଟ, ୫ଟା, ୬ଟା ଓ ଶେଷରେ ୭ଟା ୩୦ମିନିଟରେ ‘ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍’ ନିୟମିତ ବସ ଆସୁଛି । ଭୁବନେଶ୍ୱରରୁ ବ୍ରହ୍ମପୁରକୁ ଆସିବା ପାଇଁ ୩ଘଣ୍ଟା ସମୟ ଲାଗୁଥିବା ବେଳେ ଶେଷ ଦୁଇଟି ଅର୍ଥାତ୍ ୬ଟା ଓ ସାଢେ ୭ଟାରେ ବାହାରୁଥିବା ବସ୍ ରାତି ୯ଟା ଏବଂ ରାତି ସାଢେ ୧୦ଟାରେ ପହଞ୍ଚୁଛି । ତେବେ ବସ୍‌ଗୁଡ଼ିକ ରାତିରେ ଫେରିବା ବେଳେ ସହର ଭିତରକୁ ପ୍ରବେଶ ନକରି ବାଇପାସ୍‌ରେ ଚଳାଚଳ କରୁଥିବାରୁ ଏକୁଟିଆ ମହିଳା ଯାତ୍ରୀଙ୍କୁ ଅସୁରକ୍ଷିତ ଯାତାୟତ କରିବାକୁ ପଡୁଛି । ଜାତୀୟ ରାଜପଥରେ ଅର୍ଥାତ ସହରକୁ ଆସିବାକୁ ହେଲେ ଗୋପାଳପୁର ଛକ, ଆଙ୍କୁଲି ଛକ, ଲାଞ୍ଜିପଲ୍ଲୀ ଛକ ଓ ଗୋଷାଣିନୂଆଗାଁ ଛକରେ ମହିଳା ଯାତ୍ରୀଙ୍କୁ ଓହ୍ଲାଇବାକୁ ହୋଇଥାଏ । ଜାତୀୟ ରାଜପଥରେ ଢିଲା ପେଟ୍ରୋଲିଂ ସହିତ ମଦ୍ୟପଙ୍କ ଦୌରାତ୍ମ୍ୟ ବଢି ଚାଲିଥିବା ବେଳେ କେତେବେଳେ ଯେ କିଛି ଅଘଟଣ ନଘଟିବ ଏହା କହିବା ମୁସକିଲ । ଏଣୁ ‘ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ’ ବସରେ ‘ସୁଭଦ୍ରା’ ଅସୁରକ୍ଷିତ ବୋଲି ସାଧାରଣରେ ଆଲୋଚନା ହେଉଛି । ଓଏସଆରଟିସି କର୍ତ୍ତୃପକ୍ଷ ତଥା ନିଜେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।



# ମଡର୍ଣ୍ଣ ଆଇ କେୟାର ପକ୍ଷରୁ ଗ୍ଲୁକୋମା ସପ୍ତାହ



**ବ୍ରହ୍ମପୁର,୧୫ ।୩(ସମିସ):** ସ୍ଥାନୀୟ କମାପଲ୍ଲୀ-ଗୋଇଲୁଣ୍ଡି ରୋଡ୍ ସ୍ଥିତ ମଡର୍ଣ୍ଣ ଆଇ କେୟାର ସେଣ୍ଟର ପକ୍ଷରୁ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ସେଣ୍ଟର ପରିସରରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି କମାପଲ୍ଲୀ, କୋର୍ଟପେଟା, ଏମକେସିଜି ମେଡିକାଲ ଗେଟ୍ ଦେଇ ମେଡିକାଲ ପଡ଼ିଆରେ ପହଞ୍ଚିଥିଲା । ସେଠାରେ ୧୩୪ଜଣଙ୍କ ମାଗଣା ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକୀୟ ଔଷଧ ବଣ୍ଟନ କରାଯାଇଥିଲା । ଅନୁଷ୍ଠିତ ଆଲୋଚନାଚକ୍ରରେ ବରିଷ୍ଠ ନାଗରିକ, ସ୍ୱଚ୍ଛସେବକ ସଂଘ ସଦସ୍ୟ ଯୋଗଦେଇ ଗ୍ଲୁକୋମା ରୋଗ ବିଷୟରେ ଜାଣିବାକୁ ପାଇଥିଲେ । କାର୍ଯ୍ୟକ୍ରମରେ ଗୋଇଲୁଣ୍ଡି “ଗୁଡ୍ ମର୍ଣ୍ଣିଂ ଟିମ୍’ର ସଦସ୍ୟ, ସ୍ଥାନୀୟଲୋକ ଓ ଚକ୍ଷୁ ଚିକିତ୍ସାଳୟ କର୍ମଚାରୀ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ ଅଧୀକ୍ଷକ ଡା. କେ. ସ୍ୱିଗ୍ଧା ଓ ଡା. ଶ୍ରୀଧର ମହାରଣା, ଚକ୍ଷୁ ଚିକିତ୍ସା ସହାୟକ ସଞ୍ଜୟ ଅଧିକାରୀ ପ୍ରମୁଖ ପରିଚାଳନା କରିଥିଲେ ।

# ରାଜ୍ୟସ୍ତରୀୟ ମଧୁମେହ ଓ ଏଣ୍ଡୋକ୍ରାଇନୋଲୋଜି ସମ୍ମିଳନୀ




**ବ୍ରହ୍ମପୁର,୧୫ ।୩(ସମିସ):** ଏମକେସିଜି ମେଡିକାଲ କଲେଜ ସ୍ଥିତ ଆଇଏମ୍ଏ ହଲରେ ମଧୁମେହ ଓ ଏଣ୍ଡୋକ୍ରାଇନୋଲୋଜିର ଉପରେ ଇଣ୍ଡିଆକୋନ-୨୦୨୬ ନାମକ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । ବରିଷ୍ଠ ପରାମର୍ଶଦାତା ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡା. ସୁନୀଲ କୁମାର କୋଟାଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ସଦନ, ବ୍ରହ୍ମପୁର ଏବଂ ଆଇଏମଏ (ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍) ବ୍ରହ୍ମପୁର ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ଡ଼ାକ୍ତର ନିହାର ରଞ୍ଜନ ସାହୁ ମଧ୍ୟ ଏଥିରେ ବୈଜ୍ଞାନିକ ସଚିବ ଭାବେ ଯୋଗଦେଇ ବୈଜ୍ଞାନିକ ପାଠ୍ୟକ୍ରମ ପ୍ରସ୍ତୁତ ପାଇଁ ଡାକ୍ତର କୋଟାଙ୍କ ସହିତ ମିଳିତ ଭାବରେ କାର୍ଯ୍ୟ କରିଥିଲେ । ଭେଷଜ ବିଭାଗର ବରିଷ୍ଠ ପ୍ରଫେସର ଏବଂ ପରାମର୍ଶଦାତା ପ୍ରଫେସର ଡାକ୍ତର ଲଳିତ କୁମାର ମେହେର ଉଦ୍‌ଘାଟନୀ ସମାରୋହର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ଼ାକ୍ତର କେ. କେ. ପାଣିଗ୍ରାହି, ଡ଼ାକ୍ତର ପି. କେ. କର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଭାରତ ସମେତ ସାରା ବିଶ୍ୱରେ ମଧୁମେହ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଉଛି । ତେଣୁ ମଧୁମେହ ଏବଂ ଏଣ୍ଡୋକ୍ରାଇନ୍ ରୋଗରେ ପୀଡିତ ଲୋକଙ୍କ ଯତ୍ନରେ ନିୟୋଜିତ ଡାକ୍ତରଙ୍କ ସମୟାନୁସାରେ ଅପଡେଟ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ‘ପ୍ରଫେସର ପି ସି ସାହୁ ସମ୍ମାନ’ ପ୍ରଫେସର ଏଲ୍ କେ ମେହେରଙ୍କୁ ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ପ୍ରଫେସର ପି ସି ସାହୁଙ୍କ ପୁଅ ଏବଂ ବୋହୂ ଡ଼ାକ୍ତର ବିଭୁଦେନ୍ଦୁ ସାହୁ ଏବଂ ଡ଼ାକ୍ତର ସୁନିତା ସେନାପତି, ଡ଼ାକ୍ତର କେ କେ ପାଣିଗ୍ରାହି, ଡ଼ାକ୍ତର ନିହାର ରଞ୍ଜନ ସାହୁ ପ୍ରମୁଖଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା । ଏହି ୨ଦିନିଆ ବୈଜ୍ଞାନିକ କାର୍ଯ୍ୟକ୍ରମରେ ୪୦୦ରୁ ଉର୍ଦ୍ଧ୍ୱ ଡାକ୍ତର ଯୋଗ ଦେଇଥିଲେ । ଉଦଘାଟନୀ ଉତ୍ସବ ଶେଷରେ, ଡ଼ାକ୍ତର କୋଟା ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମର ଶେଷ ଦିନରେ, ଓଡ଼ିଶା ମେଡିକାଲ ପଞ୍ଜୀକରଣ ପରିଷଦ ଦ୍ୱାରା ଅନୁମୋଦିତ ୮କ୍ରେଡିଟ୍ ଘଣ୍ଟା ଉଲ୍ଲେଖ କରି ସମସ୍ତ ଉପସ୍ଥିତ ଲୋକଙ୍କୁ ସ୍ୱାସ୍ଥ୍ୟ ସଦନ ଦ୍ୱାରା ଅଂଶଗ୍ରହଣର ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଏଠାରେ କୁହାଯାଇଛି ।

# ଜାତୀୟ ଲାବୋରେଟୋରୀ ଟେକ୍ନିସିଆନ୍ ଦିବସ ପାଳିତ




**ବ୍ରହ୍ମପୁର,୧୫ ।୩(ସମିସ):** ଏମ୍‌କେସିଜିର ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର(ଆରଡିସି) ସେଣ୍ଟ୍ରାଲ ଲାବୋରେଟୋରୀରେ ଜାତୀୟ ଲାବୋରେଟୋରୀ ଟେକ୍ନିସିଆନ ଦିବସ ପାଳିତ ହୋଇଯାଇଛି । ଓଡିଶା ମେଡିକାଲ ଲାବୋରେଟୋରୀ ଟେକନିସିଆନ ସଂଘର ରାଜ୍ୟ ଉପସଭାପତି ପ୍ରଦୀପ ଶତପଥୀ, ଶାଖା ସଭାପତି ମହେନ୍ଦ୍ର କୁମାର ପାତ୍ର, ସମ୍ପାଦକ ତପନ କୁମାର ଗୌଡଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ରୋଗ ନିଦାନ କେନ୍ଦ୍ର ଅଧିକାରୀ ପ୍ରଫେସର ଡା. ସମୀର ବେହେରା ଯୋଗ ଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଗାମୀ ଦିନରେ ରୋଗୀ ସେବାକୁ ଗୁରତ୍ୱ ଦେଇ ତୁରନ୍ତ ରିପୋର୍ଟ ପ୍ରଦାନ ଦିଗରେ କାର୍ଯ୍ୟ କରିବାକୁ ଆଲୋଚନା ହୋଇଥିଲା । ଏହାସହ ୨୪ ଘଣ୍ଟିଆ ରକ୍ତ ପରୀକ୍ଷା ଓ ରିପୋର୍ଟ ପ୍ରସ୍ତୁତ ଦିଗରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ନିଦାନକେନ୍ଦ୍ର କର୍ମଚାରୀ ଓ ଡିଏମ୍ଏଲ୍‌ଟି ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

**ବିଜୁ ପଟ୍ଟନାୟକ ସ୍ମାରକୀ ଦିବାରାତ୍ର ଟି-୨୦ କ୍ରିକେଟ୍**

# କାକଟପୁରକୁ ହରାଇ ସେମିଫାଇନାଲ୍‌ରେ ରାଜମେଣ୍ଡ୍ରୀ ଏକାଦଶ






**ବ୍ରହ୍ମପୁର,୧୫ ।୩(ସମିସ):**

ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଆଲ୍ଫା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ତମ ବିଜୁ ପଟ୍ଟନାୟକ ସ୍ମାରକୀ ସର୍ବଭାରତୀୟ ଟି-୨୦ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ରାଜମେଣ୍ଡ୍ରୀ ଏକାଦଶ ଦଳ ସେମିଫାଇନାଲକୁ ଉନ୍ନିତ ହୋଇଛି । ଆଜି ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ରାଜମେଣ୍ଡ୍ରୀ ଦଳ କାକଟପୁର ଦଳକୁ ୧୦୬ରନ୍‌ରେ ପରାସ୍ତ କରି ସହଜସାଧ୍ୟ ବିଜୟ ଲାଭ କରିଥିଲା । କାକଟପୁର ଦଳ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ଓଭରରେ ରାଜମେଣ୍ଡ୍ରୀ ଦଳ ପ୍ରଥମେ ବ୍ୟାଟିଂ କରି ୮ ୱିକେଟରେ ମୋଟ ୨୨୯ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ କେ.ଚନ୍ଦୁ ୪୨ବଲରୁ ୪ଟି ଛକା ଓ ୫ଟି ଚୌକା ସହାୟତାରେ ଦ୍ରୁତ ୭୨ରନ୍ ସଂଗ୍ରହ କରିଥିଲେ । ସେହିଭଳି ଦଳ ପକ୍ଷରୁ ବି. ପ୍ରସନ୍ନା ୩୨ବଲରୁ ୩ଟି ଛକା ଓ ୨ଟି ଚୌକା ସହ ୫୧ରନ୍ ସଂଗ୍ରହ କରିଥିଲେ । ବିପକ୍ଷ କାକଟପୁର ଦଳ ପକ୍ଷରୁ ମନୋଜ ଦାସ ୪ଓଭର ବୋଲିଂ କରି ସର୍ବାଧିକ ବ୍ୟକ୍ତିଗତ ୩ଟି ୱିକେଟ ଅକ୍ତିଆର କରିଥିଲେ ।

୨୩୦ରନର ବିଶାଳ ସ୍କୋରର ବିଜୟ ଲକ୍ଷ୍ୟ ନେଇ ଦ୍ୱିତୀୟରେ ବ୍ୟାଟିଂ ଆରମ୍ଭ କରିଥିବା କାକଟପୁର ଦଳ ୧୬ଓଭର ଖେଳି ସମସ୍ତ ୱିକେଟ ହରାଇ ମାତ୍ର ୧୨୩ରନ ସଂଗ୍ରହ କରିଥିଲା । ଫଳରେ ରାଜମେଣ୍ଡ୍ରୀ ଏକାଦଶ ଦଳ ମ୍ୟାଚକୁ ୧୦୬ରନ୍‌ରେ ଜିତିଥିଲା । ଟୁର୍ଣ୍ଣାମେଣ୍ଟର ପ୍ରଥମ ଦଳ ଭାବେ ରାଜମେଣ୍ଡ୍ରୀ ସେମିଫାଇନାଲକୁ ଯାଇଛି ।

ସେହିଭଳି ଆଜିର ଦ୍ୱିତୀୟ ମ୍ୟାଚ ରାଉରକେଲା ଓ ଯାଜପୁର ମଧ୍ୟରେ ଖେଳାଯାଇଛି । ଏହି ମ୍ୟାଚର ବିଜେତା ସହିତ ୧୬ତାରିଖ ସୋମବାର ଦିନ ପ୍ରଥମ ସେମିଫାଇନାଲରେ ରାଜମେଣ୍ଡ୍ରୀ ସହିତ ମ୍ୟାଚ ଖେଳାଯିବ । ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ବ୍ରହ୍ମପୁରର ରାମେଶ୍ୱର ସ୍ପୋର୍ଟିଂ କ୍ଲବ ବନାମ କାକଟପୁର ଦଳ ମଧ୍ୟରେ ଖେଳା ଯାଇଥିଲା । କାକଟପୁର ଦଳ ଟସ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ରାମେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୮ରନ୍ କରିଥିଲା । ଜବାବରେ କାକଟପୁର ଦଳ ୧୯ ଓଭରରେ ମାତ୍ର ୪ ୱିକେଟ ହରାଇ ଆବଶ୍ୟକ ୧୯୦ରନ କରି ବିଜୟୀ ହୋଇଥିଲା ।

ଫ୍ଲଡ ଲାଇଟରେ ଖେଳାଯାଉଥିବା ଦିବାରାତ୍ର ମ୍ୟାଚ୍ ଦେଖିବାକୁ ବହୁସଂଖ୍ୟାରେ ଦର୍ଶକ ଓ କ୍ରିକେଟ୍ ପ୍ରେମୀଙ୍କ ଭିଡ ଲାଗି ରହୁଛି । କ୍ୱାର୍ଟର ଫାଇନାଲ ମ୍ୟାଚରେ ଅତିଥି ଭାବେ ଆୟୋଜକ ଆଲ୍ଫା ସ୍ପୋର୍ଟିଂ କ୍ଲବର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସମ୍ପାଦକ ବିଜୟ ଭାସ୍କର ସିଂସାମନ୍ତ ଓ ବିଜେଡି ନେତା ମୁକୁନ୍ଦ ଗୌଡ ଉପସ୍ଥିତ ରହି ବିଜୟୀ ଦଳର ଖେଳାଳୀଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ମ୍ୟାଚକୁ ସୁଶାନ୍ତ ପଣ୍ଡା ଓ ନୃସିଂ ଚରଣ ପଟ୍ଟନାୟକ ଅମ୍ପାୟର ଭାବେ ଓ ସତ୍ୟ ନାରାୟଣ ପରିଡା ସ୍କୋରର ଭାବେ ପରିଚାଳନା କରିଥିଲେ ।

# ହୋଟେଲରେ ଚଢ଼ଉ; ୨୨ ଏଲ୍‌ପିଜି ସିଲିଣ୍ଡର ଜବତ

**ବ୍ରହ୍ମପୁର,୧୫ ।୩(ସମିସ):** ସହରର ବିଭିନ୍ନ ହୋଟେଲରେ ଏଲ୍‌ପିଜି ସିଲିଣ୍ଡର କଳାବଜାରୀ ଓ ବେଆଇନ ମହଜୁତ କରାଯାଇଥିବା ଅଭିଯୋଗ ହୋଇଥିଲା । ଏହାକୁ ଆଧାର କରି ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସିଭିଲ ସପ୍ଲାଇ ଓ ବ୍ରହ୍ମପୁର ମହାନଗର ନିଗମ(ବିଏମସି) ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ବ୍ରହ୍ମପୁରର ହୋଟେଲ ଶଙ୍କର ଭବନରୁ ୧୫ଟି ଓ ନନ୍ଦନ ହୋଟେଲରୁ ୭ଟି ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଥିଲା । ଉକ୍ତ ହୋଟେଲଗୁଡ଼ିକ ସିଲିଣ୍ଡର ରଖିବା ସମ୍ବନ୍ଧୀୟ ଯଥାଚିତ ଦଲିଲପତ୍ର ପ୍ରଦାନ କରିପାରିନଥିଲେ । ଜବତ ସିଲିଣ୍ଡରକୁ ପରେ ନିୟତି ଇଣ୍ଡେନ୍ ଗ୍ୟାସ ଏଜେନ୍ସି ଜିମା ଆଧାରରେ ସୁରକ୍ଷିତ ରଖିବା ପାଇଁ ହସ୍ତାନ୍ତର କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଚଢ଼ଉ ବେଳେ ଏନ୍‌ଫୋର୍ସମେଣ୍ଟ ଟିମ୍‌ରେ ବିଏମସି ଡେ଼ପୁଟି କମିଶନର କଲ୍ୟାଣି ସଂଘମିତ୍ରା, ଏସିଏସ୍‌ଓ ସଞ୍ଜୟ ମଲ୍ଲିକ, ମାର୍କେଟିଂ ଇନ୍ସପେକ୍ଟର ପୁଷ୍ପାଞ୍ଜଳି ମେହେର, ରଞ୍ଜନ ସେଠୀ, ଏନ୍‌ଫୋର୍ସମେଣ୍ଟ ଅଫିସର ବିକାଶ ନାୟକ, ଫୁଡ୍ ସେଫ୍ଟି ଅଧିକାରୀ ଲିଜା ମିଶ୍ର, ସତ୍ୟଜିତ ବେହେରା ପ୍ରମୁଖ ସାମିଲ ଥିଲେ ।



# ରାସ୍ତାରେ ବାଲି ପାଇଁ ଗଲା ନାବାଳିକାଙ୍କ ଜୀବନ



ଫିରିଙ୍ଗିଆ,୧୫।୩(ସମିସ)

## ବାଇକ୍‌କୁ ଅଜଣା ଗାଡ଼ି ଧକ୍କା ଦେବାରୁ ମୃତ
## ଠିକାଦାର କହିଲେ ମୋର କିଛି ଦୋଷ ନାହିଁ

ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତ ମଣିପଦର ଗାଁ ନିକଟରେ ରାସ୍ତା ପ୍ରଶସ୍ତିକରଣ କାମ ପାଇଁ ରାସ୍ତା ମଝିରେ ଗଦା ହୋଇଥିବା ବାଲି ପାଇଁ ଚାଲିଗଲା ଜଣେ ୬ ବର୍ଷ ନାବାଳିକାର ଜୀବନ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମୃତ ବାଳିକା ଜଣକ ଫିରିଙ୍ଗିଆ ବ୍ଲକ ତଳଦଣ୍ଡିକିଆ ପଞ୍ଚାୟତ ବୁକୁଦେଇ ଗାଁର ଗଜେନ୍ଦ୍ର କହଁରଙ୍କ ୪ ବର୍ଷର ଝିଅ ଅନନ୍ୟା କହଁର।

ଶନିବାର ସନ୍ଧ୍ୟାରେ ଅନନ୍ୟା ବାପା ଗଜେନ୍ଦ୍ର ଓ ମା ସଂଯୁକ୍ତା ଏକ ବାଇକ୍‌ରେ ମାମୁଘର କେଳାପଡ଼ାକୁ ଯାଇ ନିଜ ଗାଁ ବୁକୁଦେଇକୁ ଫେରୁଥିବାବେଳେ ମଣିପଦର ନିକଟରେ ରାସ୍ତା ପ୍ରଶସ୍ତିକରଣ ପାଇଁ ରାସ୍ତା ଉପରେ ଗଦା ହୋଇଥିବା ବାଲିଗଦା ପାଇଁ ଭାରସାମ୍ୟ ହରାଇ ନାବାଳିକା ଓ ତାଙ୍କ ମା ବାପା ବସିଥିବା ବାଇକକୁ ଏକ ଅଜଣା ଗାଡି ଧକ୍କା ଦେଇ କଲାଇଥିଲା। କୁନି ଝିଅ ଅନନ୍ୟା ରାସ୍ତା କଡ଼କୁ ଛିଟିକି ପଡିବାରୁ ଗୁରୁତର ଆହତ ହୋଇଥିବା ବେଳେ ମା'-ବାପା ସାମାନ୍ୟ ଆହତ ହୋଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ସମସ୍ତଙ୍କୁ ପ୍ରଥମେ ନୂଆଗାଁ ବ୍ଲକ ସାରଙ୍ଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ବାଳିକାର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାକୁ ଫୁଲବାଣୀ ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

ଘଟଣାକୁ ନେଇ ଅନନ୍ୟାଙ୍କ ବଡ଼ବାପା ପ୍ରକାଶ କହଁର ଫିରିଙ୍ଗିଆ ଥାନାରେ ଲିଖିତ ଏତଲା ଦେବା ପରେ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ମୁରଲୀଧର ସାହୁ କହିଛନ୍ତି। ରାସ୍ତା ପ୍ରଶସ୍ତିକରଣ ଦାୟତ୍ୱରେ ଥିବା ଠିକା ସଂସ୍ଥାର ଦାୟିତ୍ୱହୀନତା ସହ ବେଆଇନ ଭାବରେ ରାସ୍ତା ଉପରେ ବାଲି ଗଦା କରିଥିବାରୁ ଜଣେ ନିରୀହ ଝିଅର ଜୀବନ ଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

କାମକୁ ତଦାରଖ କରୁଥିବା ବ୍ୟକ୍ତି ବା କାମର ପ୍ରକୃତ ଠିକାଦାରଙ୍କ ଠାରୁ ଭାଗ ନେଇ କାମ କରୁଥିବା ପ୍ରଭାକର ଦିଗାଲଙ୍କୁ ପଚାରିବାରୁ ଅତି ଖାମଖିଆଲି ଭାବରେ ଗାଇଡ୍‌ଲାଇନ ହିସାବରେ କାମ ଚାଲିଛି। ଏହି ଦୁର୍ଘଟଣାରେ ତାଙ୍କର କିଛି ଦୋଷ ନାହିଁ। ଯଦି ମାମଲା ହୁଏ ତେବେ ବିଭାଗୀୟ ଏସି କିମ୍ବା ଏସ୍‌ଡ଼ିଓଙ୍କ ନାଁରେ ହେବ। ସେଥିରେ ତାଙ୍କର କିଛି ଯାଏ ଆସେ ନାହିଁ ବୋଲି କହିଥିଲେ। ଜଣେ ନିରୀହ ବାଳିକାର ଜୀବନ ଯାଇଥିବା ଯୋଗୁଁ ପରିବାରକୁ ସମବେଦନା ଜଣାଇବା ଜାଗାରେ ସମ୍ପୃକ୍ତ ଠିକାଦାରଙ୍କ ଏଭଳି ମନ୍ତବ୍ୟ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି କରିଥିବାବେଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

ଏନେଇ ଦାୟିତ୍ୱରେ ଥିବା ରାସ୍ତା ଓ କୋଠାବାଡି ଡିଭିଜନର ଫୁଲବାଣୀ ଦାୟିତ୍ୱରେ ଥିବା ଏସଡ଼ିଓ ସିଦ୍ଧାର୍ଥ ଦାସଙ୍କୁ ପଚାରିବାରୁ ରାସ୍ତାଉପରେ ବାଲି ଗଦା ନ କରିବାକୁ ଠିକାଦାରକୁ ବାରମ୍ବାର ମନା କରାଯାଇଥିଲା। ଯଦି ବିଭାଗୀୟଅଧିକାରୀଙ୍କ କଥାକୁ ଅମାନ୍ୟ କରି ରାସ୍ତା ଉପରେ ଗଦା ହୋଇଥିବା ବାଲି ପାଇଁ ଦୁର୍ଘଟଣା ଘଟିଥାଏ ତାହେଲେ ସମ୍ପୃକ୍ତ ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଅଟୋ ଓଲଟି ଜଣେ ମୃତ, ଚାଳକ ଗୁରୁତର

କାଶୀନଗର,୧୫।୩(ସମିସ): କାଶୀନଗର ଥାନା ଅନ୍ତର୍ଗତ କିତିଙ୍ଗି ଗ୍ରାମ ନିକଟରେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଡି. ସନ୍ତୋଷ।

ଏକ ଯାତ୍ରୀବାହୀ ଅଟୋରେ ଡି.ସନ୍ତୋଷ ମିଲିଂ ନିମନ୍ତେ ଗୋରୀବନ୍ଧା ଗ୍ରାମସ୍ଥ ମିଲ୍‌କୁ ଧାନ ବସ୍ତା ନେଉଥିଲେ। କିତିଙ୍ଗୀ ଗ୍ରାମ ନିକଟ ରାସ୍ତାରେ ହଠାତ୍ ଉକ୍ତ ଅଟୋ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିଲା। ଫଳରେ ସନ୍ତୋଷ ଓ ଚାଳକଙ୍କୁ ଗୁରୁତର ଅବସ୍ଥାରେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଯୋଗୁ ଅଧିକ ଚିକିତ୍ସା ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କାଶୀନଗର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଟୋକୁ ଜବତ କରିବା ସହ ମୃତଦେହକୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ନେଇ ଥାନା ଅଧିକାରୀ ତ୍ରିନାଥ ସେଠୀ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ମିଳିଛି। ପୁଲିସ ଉକ୍ତ ଘଟଣାର ତଦନ୍ତ କରୁଛି।

## ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମୂଲ୍ୟାଙ୍କନ ପରୀକ୍ଷା



ଟିକାବାଲି,୧୫।୩(ସମିସ): ଟିକାବାଲି ସହଗୋଷ୍ଠୀ ଶିକ୍ଷା ଅଧିକାରିଣୀ ବିନୋଦିନୀ ସାମଲଙ୍କ ପରିଚାଳନାରେ ଟିକାବାଲି ବ୍ଲକ ସମସ୍ତ କ୍ଲଷ୍ଟର ବିଦ୍ୟାଳୟରେ ମୌଳିକ ସାକ୍ଷାରତା ଓ ସଂଖ୍ୟାଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ବ୍ଲକର ୭୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। କାର୍ଯ୍ୟକ୍ରମ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଉଲ୍ଲାସ-ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନରେ ପରିଚାଳିତ ହେଉଛି। ଏହାର ମୁଖ୍ୟ ଲକ୍ଷ୍ୟ ୧୫ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି, ଯେଉଁମାନେ ବିଦ୍ୟାଳୟ ଯାଇନାହାଁନ୍ତି, ସେମାନଙ୍କର ପଢ଼ିବା, ଲେଖିବା ଏବଂ ସାଧାରଣ ଗଣିତ ଦକ୍ଷତାକୁ ପରୀକ୍ଷା କରିବା। ଏଥିରେ ମୁଖ୍ୟତଃ ତିନୋଟି ବିଷୟ ପଠନ, ଲିଖନ ଏବଂ ସଂଖ୍ୟାଜ୍ଞାନ ରହିଛି। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ସେମାନଙ୍କୁ ନବ-ସାକ୍ଷର ଭାବେ ଘୋଷଣା କରାଯାଏ ଏବଂ ଏନଆଇଓଏସ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ। ଟିକାବାଲିର ସମସ୍ତ କ୍ଲଷ୍ଟରର ବିଦ୍ୟାଳୟରେ ପରିଚାଳନା ପାଇଁ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଳ ଧନ୍ୟବାଦ ଜଣାଇଛନ୍ତି।

## ଉଲ୍ଲାସ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ



ଦାରିଙ୍ଗବାଡ଼ି,୧୫।୩(ସମିସ): ଦାରିଙ୍ଗବାଡ଼ି ବ୍ଲକରେ ଉଲ୍ଲାସ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମର ୨ୟ ପର୍ଯ୍ୟାୟ ପରୀକ୍ଷା ବ୍ଲକର ୨୫ ପଞ୍ଚାୟତର ୬୨ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪୩୫ ଜଣ ପରୀକ୍ଷା ଲେଖିଥିଲା ବେଳେ ପୁରୁଷ ୯୭୪ ଓ ମହିଳା ୧୪୬୧ ଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନମାଳି ମାଝୀଙ୍କ ନେତୃତ୍ୱରେ ୬୨ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଓ ସମସ୍ତ ସିଆର୍‌ସିସି ସହଯୋଗ କରିଥିଲେ।

ନୂଆଗଡ଼: ନୂଆଗଡ଼ ବ୍ଲକରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗୋଷ୍ଠୀ ଶିକ୍ଷାଧିକାରୀ ଆଦିକନ୍ଦ ଗମାଙ୍ଗଙ୍କ ତତ୍ତ୍ୱାବଧାନରେ ୯୪ ବିଦ୍ୟାଳୟରେ ନବ ଭାରତ



ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ଗ୍ରାମର ପ୍ରାୟ ୩୩୦୦ ଜଣ ପରୀକ୍ଷା ଦେଇଛନ୍ତି। ସେଥିମଧ୍ୟରୁ ତିତିସିଂ କ୍ଲଷ୍ଟରର ୨ କେନ୍ଦ୍ର ତଥା ବଡ଼ପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୪୭ ଏବଂ ତିତିସିଂ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨୮ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି। ନିରକ୍ଷର ବ୍ୟକ୍ତିଙ୍କୁ ସାକ୍ଷରତା କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମରେ ତିତିସିଂ ଗ୍ରାମର ପ୍ରାୟ ୬୫ ବର୍ଷୀୟ ଜେସିଅ ରଇତ ପରୀକ୍ଷା ଦେବାପରେ ତାଙ୍କ ବାପା ଅର୍ଥ ଅଭାବରୁ ପାଠ ପଢ଼ାଇ ପାରିନଥିଲେ। ଆଜି ସରକାରଙ୍କ ସହଯୋଗରେ କିଛି ଶିଖି ପାରିଛି ବୋଲି କହିଥିଲେ। ଏହି ସମସ୍ତ କାର୍ଯ୍ୟକୁ ଗୋଷ୍ଠୀ ଶିକ୍ଷାଧିକାରୀ ଆଦିକନ୍ଧ ଗମାଙ୍ଗ ଏବଂ ଅତିରିକ୍ତ ଶିକ୍ଷାଧିକାରୀ ଲିଙ୍ଗରାଜ କାର୍ଯୀ ତଦାରଖ କରିଥିବା ବେଳେ ସମସ୍ତ ସିଆରସିସି ଏବଂ ବିଦ୍ୟାଳୟର ଶିକ୍ଷକ ସହଯୋଗ କରିଥିଲେ।

## ● ପାରଳାଖେମୁଣ୍ଡି ବାର୍ ଆସୋସିଏସନ୍ ନିର୍ବାଚନ
## ୩ ପଦ ପାଇଁ ହେବ ପ୍ରତିଦ୍ୱନ୍ଦିତା

ପାରଳାଖେମୁଣ୍ଡି,୧୫।୩(ସମିସ): ୨୮ ତାରିଖରେ ହେବାକୁ ଥିବା ପାରଳାଖେମୁଣ୍ଡି ବାର୍ ଆସୋସିଏସନ୍ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ୩ ପଦ ପାଇଁ ପ୍ରତିଦ୍ୱନ୍ଦିତା ହେବ। ଅନ୍ୟାନ୍ୟ ବିଭିନ୍ନ ପଦରେ ପ୍ରତିଦ୍ୱନ୍ଦିତା ନଥିବା ଯୋଗୁ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ସୁନିଶ୍ଚିତ। ସୂଚନା ପ୍ରକାରେ ସଭାପତି ପଦ ପାଇଁ ହୀରା ଚାନ୍ଦ ଓ ରାମକୃଷ୍ଣ ନାୟକ, ଉପସଭାପତି ପାଇଁ ନୀଳମାଧବ ଅଧିକାରୀ ଓ ଶିବ ପ୍ରସାଦ ପାଣିଗ୍ରାହୀ, ସମ୍ପାଦକ ପଦ ନିମନ୍ତେ ଆର୍.ବାବୁ ରାଓ ଓ କାଶୀନାଥ ଦାଶଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। ସେହିପରି ଯୁଗ୍ମ ସମ୍ପାଦକ ଶିବ କୁମାର ଯେଡଲା, କୋଷାଧ୍ୟକ୍ଷ ସନ୍ଦୀପ କୁମାର ପଟ୍ଟନାୟକ, ଲାଇବ୍ରେରିୟନ ଭାବେ ରଘୁନାଥ ପାତ୍ର ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଅଶୋକକୁମାର ଅଧିକାରୀ, ବେହେରା ଚନ୍ଦନ କୁମାର, ଗାଗାରିନ ଶବର, ପାଣ୍ଡି ବିଶ୍ୱନାଥ, ସତ୍ୟନାରାୟଣ ପାଢୀ ଓ ଶଶାଙ୍କ ଶେଖର ସାବତ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବାର ଜଣାପଡିଛି। ପ୍ରତିଦ୍ୱନ୍ଦିତା ହେଉଥିବା ପଦ ପାଇଁ ପ୍ରାୟ ୧୧୫ ଜଣ ସଦସ୍ୟ ଭୋଟ ଦେବେ।

## ଦକ୍ଷିଣ-ପୂର୍ବ ସମ୍ଭାଗ ପ୍ରଧାନାଚାର୍ଯ୍ୟ ବୈଠକ



ପାରଳାଖେମୁଣ୍ଡି,୧୫।୩(ସମିସ): ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦୁଇଦିନିଆ ପ୍ରଧାନ ଆଚାର୍ଯ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ,ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ନେଇ ଗଠିତ ଦକ୍ଷିଣ ପୂର୍ବ ସମ୍ଭାଗ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାନଙ୍କର ୭୨ରୁ ଊର୍ଦ୍ଧ୍ୱ ପ୍ରଧାନଆଚାର୍ଯ୍ୟ ଓ ଆଚାର୍ଯ୍ୟା ବୈଠକରେ ଯୋଗ ଦେଇଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି ସୁବାସ ଜମାଦାର ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ରୂପେ ଶିକ୍ଷାବିକାଶ ସମିତି ଦକ୍ଷିଣ- ପୂର୍ବ ସମ୍ଭାଗର ନିରୀକ୍ଷକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ, ସ୍ଥାନୀୟ ଦେବୀ ମଠର ମହନ୍ତ ପୂଜ୍ୟ ରାମାନନ୍ଦ ଦାସଜୀ, ଶିକ୍ଷାବିକାଶ ସମିତି ପ୍ରାନ୍ତ ନିରୀକ୍ଷକ ଅଶ୍ୱିନୀ କୁମାର ନାୟକ, ପ୍ରାନ୍ତ ଶୈକ୍ଷିକ ସଞ୍ଜୋଜକ ଖଗେଶ୍ୱର ଦାସ, ଫୁଲବାଣୀ, ଗଞ୍ଜାମ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ ଓ ସରୋଜ ପଟ୍ଟନାୟକ, ସମ୍ଭାଗ ସମ୍ପାଦକ ଦୀପକ କୁମାର ମହାରଣା, ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ସଞ୍ଜୟ ଜେନା, ସମ୍ପାଦକ ଚନ୍ଦ୍ରଶେଖର ପଟ୍ଟନାୟକ, ସହସମ୍ପାଦକ ବିଭୂତି ଭୂଷଣ ରଥ, କୋଷାଧ୍ୟକ୍ଷ ପ୍ରମୋଦ ପାଢ଼ୀ, ସଦସ୍ୟା ସବିତା ଗମାଙ୍ଗ ଓ ସରିତା ପାଣିଗ୍ରାହୀ ଉପସ୍ଥିତ ରହିଥିଲେ। ଏହି ଦୁଇଦିନିଆ ବୈଠକରେ ବକ୍ତାମାନେ ଆଗାମୀ ଶିକ୍ଷାବର୍ଷର ଶୈକ୍ଷିକ ଓ ଆର୍ଥିକ ଯୋଜନା ତଥା ଜାତୀୟ ଶିକ୍ଷା ନୀତି ସମ୍ବନ୍ଧୀୟ ଚର୍ଚ୍ଚା ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ତଥା ବିଦ୍ୟାଳୟର ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗ କରିଥିଲେ।

## ପୂର୍ବତନ ବ୍ଲକ ଉପାଧ୍ୟକ୍ଷାଙ୍କ ପରଲୋକ



ପାରଳାଖେମୁଣ୍ଡି,୧୫।୩(ସମିସ): ପୂର୍ବତନ ଗୋଷାଣି ବ୍ଲକ ଉପାଧ୍ୟକ୍ଷା ବିଦ୍ୟାବତୀ ଜେନା(୬୩)ଙ୍କ ପରଲୋକ ଘଟିଛି। ସେ ଗୁରାଣ୍ଡି ଗ୍ରାମର ମୂଳବାସୀନ୍ଦା ହୋଇଥିବା ବେଳେ ତାଙ୍କ ଶଶୁର ସ୍ୱର୍ଗତ ଦୁର୍ଯ୍ୟୋଧନ ଜେନା ବ୍ଲକ ଅଧ୍ୟକ୍ଷ ଥିଲେ। ବିଦ୍ୟାବତୀ ଜେନା ୨୦୦୨ ରୁ ୨୦୦୬ ମସିହା ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ପଦରେ ଥିବା ସମୟରେ ବ୍ଲକର ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିବାର ସ୍ମୃତିଚାରଣ କରିଛନ୍ତି ଲୋକେ। ତାଙ୍କର ବିୟୋଗରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ, ଜିଲ୍ଲାପରିଷଦ ସଭାପତି ଜି.ତିରୁପତି ରାଓ ଓ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ ସମେତ ଗୁରାଣ୍ଡି ସରପଞ୍ଚ ଶିଳ୍ପା ପାତ୍ର, ସମାଜସେବୀ ଉମାଶଙ୍କର ପାତ୍ର, ଗୁରାଣ୍ଡି ବରିଷ୍ଠ ନାଗରିକ ମଞ୍ଚ ସମସ୍ତ ସଦସ୍ୟ ଦୁଃଖ ପ୍ରକାଶ କରିଛନ୍ତି। ସ୍ୱର୍ଗତ ବିଦ୍ୟାବତୀ ଜେନା ଜଣେ ମେଳାପୀ, ପରଉପକାରୀ ମହିଳା ଥିଲେ ବୋଲି କହିଛନ୍ତି।

## ଓଡ଼ିଆ ଭାଷା ସାହିତ୍ୟ ଆଲୋଚନାଚକ୍ର

ପାରଳାଖେମୁଣ୍ଡି,୧୫।୩ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ଓ ଉତ୍କଳ ହିତୈଷିଣୀ ସମାଜ ପାରଳାଖେମୁଣ୍ଡି ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହେଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏକ ଭିତ୍ତି ନିବନ୍ଧ ଉପସ୍ଥାପନା କରିଥିଲେ। ବିଶିଷ୍ଟ ଅତିଥି ପ୍ରଫେସର ଡ.ସଦାନନ୍ଦ ନାୟକ ଓ ମୁଖ୍ୟବକ୍ତା ଡ.କୁଳମଣି ଓଝା ଯୋଗ ଦେଇ ପଦାବଳୀ ସାହିତ୍ୟର ଇତିହାସ ତଥା ପ୍ରମୁଖ ଆଦ୍ୟ ପୀଠ ଏଇ ପାରଳାଖେମୁଣ୍ଡିର ଅବଦାନ ଯୁଗେ ଯୁଗେ ରହିଛି ବୋଲି କହିଥିଲେ। କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ଗୀତିକବିତା ସହ ପାରଳା ମାଟିର ତଥା ଓଡ଼ିଶାର ଅଦ୍ୱିତୀୟ ସାରସ୍ୱତ ପ୍ରତିଭାଙ୍କୁ ମନ ପକାଇଥିଲେ। ଡ.କଲ୍ୟାଣୀ ମିଶ୍ର, ଡ.ଚାରୁପ୍ରଭା ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ଓଡ଼ିଆ ଭାଷା ଓ ସାହିତ୍ୟ ସାଧନ କ୍ଷେତ୍ର ପାରଳାଖେମୁଣ୍ଡିର କାଳଜୟୀ ସାହିତିକଙ୍କୁ ମଧ ମନେ ପକାଇଥିଲେ। ପ୍ରଥମ ଅଧିବେଶନ ଓ ଦ୍ୱିତୀୟ ଅଧିବେଶନ କାର୍ଯ୍ୟକ୍ରମକୁ ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳ ସିଂ ପରିଚାଳନା କରିଥିବା ବେଳେ ଅମୂଲ୍ୟ କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବରେ ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଣ୍ଣପ୍ରଭା ପାଠୀ ଏବଂ ସ୍ନେହା ବେହେରା କବିତା ସଂଯୋଜନା କରିଥିଲେ। ଡ. ବିପ୍ଳବ ରଞ୍ଜନ ପ୍ରଧାନ, ଅର୍ଜୁନ ଜେନା, ଆଶାଲତା ପାଣିଗ୍ରାହୀ, ଶରତ ସାହୁ, ତ୍ରିପତି ପ୍ରସାଦ ପଣ୍ଡା, ମୁରଲିଧର ପରିଚ୍ଛା ଓ ବିଷ୍ଣୁ ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ



ଫିରିଙ୍ଗିଆ,୧୫।୩(ସମିସ): ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ ପବିଙ୍ଗିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ତରଫରୁ ପଞ୍ଚମ ସାମ୍ବିଧାନିକ ସନମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଉପସଭାପତି ରଞ୍ଜନ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସନମିଳନୀରେ ଜିଲ୍ଲା ସମ୍ପାଦକ ରଞ୍ଜନ କୁମାର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ୍ୱର ଦଳେଇ, ବରିଷ୍ଠ ପ୍ରଧାନ ଶିକ୍ଷକ ମୁରଲୀ ଧର ଦାସ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପରିଚାଳନା ସମ୍ପାଦକ ପ୍ରାଣେଶ୍ୱର କହଁରଯୋଗ ଦେଇଥିଲେ। କାର୍ଯ୍ୟକାରିଣୀ କମିଟିର ସମସ୍ତ କର୍ମକର୍ତ୍ତା ମଧ୍ୟ ଯୋଗ ଦେଇଥିଲେ। ଏହି କ୍ରମରେ ଗତ ୨୦୨୩ ମସିହାରେ ନିର୍ବାଚିତ କମିଟିର କାର୍ଯ୍ୟ କାଳ ସରିଯାଇଥିବାରୁ ନୂତନ ଭାବରେ ବ୍ଲକସ୍ତରୀୟ କାର୍ଯ୍ୟକାରୀ କମିଟି ଚୟନ କରାଯାଇଥିଲା। ନୂତନ ସଭାପତି ଭାବରେ ପ୍ରଭାତ କୁମାର ରାଉତ, ଉପସଭାପତି ଭାବରେ ଦିବାକର ହାତୀ, ସମ୍ପାଦକ ଅରୁଣଦୋୟ ରଣା, ସହ ସମ୍ପାଦକ କମଳା କାନ୍ତ ସେନାପତି , ଜିଲ୍ଲା କ୍ୟାପ ପ୍ରତିନିଧି ବ୍ରଜେନ୍ଦ୍ର କୁମାର ମହାପାତ୍ର, ଦିଲୀପ କୁମାର ବେହେରାଏବଂ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ରଞ୍ଜନ କୁମାର ମହାପାତ୍ର ନିର୍ବାଚିତ ହୋଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବେସରକାରୀ ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିବା ବେଳେ ନୂତନ ନିର୍ବାଚିତ ସମସ୍ତଙ୍କୁ ଆଗାମୀ କାର୍ଯ୍ୟ ପରିଚାଳନା ପାଇଁ ଶପଥ ପାଠ କରାଯାଇଥିଲା।

## ମୋହନା ବିଧାୟକଙ୍କ ପତ୍ତା ପାଉନି କଂଗ୍ରେସ

ମୋହନା,୧୫।୩(ସମିସ): ସୋମବାର ଦ୍ୱିବାର୍ଷିକ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ରାଜ୍ୟ ରାଜନୀତି ସରଗରମ ଥିବା ବେଳେ ବର୍ତ୍ତମାନ ମୋହନାର କଂଗ୍ରେସ ବିଧାୟକ ଦଶରଥୀ ଗମାଙ୍ଗଙ୍କୁ ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି। ଏଭଳି ସ୍ଥଳେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଛି।


PRADESH CONGRESS COMMITTEE, ODISHA

● ପ୍ରଦେଶ କଂଗ୍ରେସ କମିଟିର କାରଣ ଦର୍ଶାଅ ନୋଟିସ

ସୂଚନା ଯୋଗ୍ୟ ଯେ, ରାଜ୍ୟସଭା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ଦଳୀୟ ହୁଇପ୍ ଜାରି ସହ ସମସ୍ତ ବିଧାୟକଙ୍କୁ ଭୁବନେଶ୍ୱରରେ ରହିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ନିର୍ବାଚନକୁ ଆଉ ଗୋଟିଏ ଦିନ ବାକି ଥିବାବେଳେ ଦାଶରଥି ଗମାଙ୍ଗଙ୍କ ଖୋଜଖବର ପାଉନି ଦଳ। ବିଧାୟକଙ୍କୁ ଭୁବନେଶ୍ୱର ବାସଭବନ ଠାରୁ ଆରମ୍ଭ କରି ନିଜ ପୈତୃକ ଗ୍ରାମରେ ମଧ୍ୟ ଖୋଜୁଛନ୍ତି କଂଗ୍ରେସ ନେତା ଏବଂ କର୍ମୀ କିନ୍ତୁ ପତ୍ତା ମିଳୁନାହିଁ। ତାଙ୍କ ଫୋନ୍ ବନ୍ଦ ଥିବାବେଳେ ଏକ ପ୍ରକାର ଆନ୍ତର୍ଦ୍ଧାନ ହୋଇଯାଇଛନ୍ତି ମୋହନା ବିଧାୟକ। ଏଭଳି ସ୍ଥଳରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷ ସୁଜିତ କୁମାର ପାଢ଼ୀ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ନିର୍ଦ୍ଧାରିତ ସମୟରେ ଜବାବ ନରଖିଲେ ବିଧାୟକଙ୍କ ବିରୋଧରେ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଚିଠିରେ ସ୍ପଷ୍ଟ ଉଲ୍ଲେଖ ରହିଛି। ବିଧାୟକଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ଠାରୁ ଆରମ୍ଭ କରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ପର୍ଯ୍ୟନ୍ତ ସମସ୍ତ ନେତୃତ୍ୱ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଛନ୍ତି। ସୋମବାର ଦାଶରଥିଙ୍କ ଭୋଟ କାହାକୁ ଯାଉଛି, କଂଗ୍ରେସ ଦଳ ତାଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଏବଂ ରାଜ୍ୟ ରାଜନୀତି ରେ କଣ ପରିବର୍ତ୍ତନ ଦେଖିବା ପାଇଁ ମିଳିବ ତାହା ଏବେ ପ୍ରଶ୍ନ ହୋଇଛି।

### ସ୍କୁଲ ହତାରେ ପୋଡ଼ି ହୋଇ ଛାତ୍ର ଗୁରୁତର ଘଟଣା

## ସମସ୍ତ ଶିକ୍ଷକଙ୍କ ଦରମା ବନ୍ଦ ସହ କାରଣଦର୍ଶାଅ ନୋଟିସ୍

ଜି.ଉଦୟଗିରି,୧୫।୩(ସମିସ): ଆଡ଼ାସିକୂପାରେ ଥିବା ନବଜ୍ୟୋତି ହାଇସ୍କୁଲରେ ଜଣେ ନବମ ଶ୍ରେଣୀ ଛାତ୍ର ଭିନ୍‌ସେଣ୍ଟ ଦିଗାଲଙ୍କ ଗୋଟିଏ ଗୋଡ଼ ସ୍କୁଲରେ ନିଆଁରେ ପୋଡ଼ିଯାଇଥିବା ବେଳେ ଅଳ୍ପକେ ବଡ଼ ବିପଦରୁ ବର୍ତ୍ତିଯାଇଥିଲେ। କିନ୍ତୁ ଏକ ମାସ ବିତିଯାଇଥିଲେ ହେଁ ଅର୍ଥ ଅଭାବରୁ ଘରୋଇ ଚିକିତ୍ସା କରି ସେ ଘରେ ପଡ଼ିରହିଛନ୍ତି। ଘରେ ରହି ବାର୍ଷିକ ପରୀକ୍ଷା ଦେଉଛନ୍ତି। ବିଦ୍ୟାଳୟର ପିଅନ ପ୍ରଶ୍ନପତ୍ର ଦେଇ ଚାଲିଯାଉଛନ୍ତି। ସ୍ୱାସ୍ଥ୍ୟକୁ ଗୁରୁତ୍ୱ ନ ଦେବା ଓ ଅର୍ଥ ଅଭାବରୁ ଭଲ ଚିକିତ୍ସା ହୋଇନପାରିବାରୁ ପୋଡ଼ା ଅଂଶ ବର୍ତ୍ତମାନ ସୁଦ୍ଧା ଶୁଖିନାହିଁ। ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ ସ୍ୱାଇଁ ଗତକାଲି ଛାତ୍ରଙ୍କୁ ଭେଟିବା ସହ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଆଜି ସମସ୍ତ ଶିକ୍ଷକଙ୍କ ଦରମା ବନ୍ଦ କରିବା ସହିତ କାରଣ ଦର୍ଶାଅ ନୋଟିସ ଜାରି ଜରିଛନ୍ତି।

### ଚାଲିଛି ଦେଶୀ ଚିକିତ୍ସା; ଘରେ ଦେଲେ ପରୀକ୍ଷା

ସୂଚନା ଅନୁସାରେ, ଗତ ମାସ ୧୬ ତାରିଖ ଦିନ ସ୍କୁଲରେ ଜଣେ ଛାତ୍ର ଏକ ବୋତଲରେ ଆଲକାତାରା ଓ ପେଟ୍ରୋଲ ମିଶାଇ ସ୍ପ୍ରେ କରି ନିଆଁ ଲଗାଇ ଖେଳୁଥିବା ବେଳେ ବୋତଲରେ ନିଆଁ ଲାଗିଯାଇଥିଲା। ଛାତ୍ର ଜଣକ ଭୟରେ ବୋତଲକୁ ତଳେ କଚାଡ଼ି ଦେଇଥିଲେ। ଫଳରେ ସମ୍ମୁଖରେ ଯାଉଥିବା ଭିନ୍‌ସେଣ୍ଟଙ୍କ ପ୍ୟାଣ୍ଟରେ ବୋତଲରେ ଥିବା ମିଶ୍ରଣ ପଡ଼ି ନିଆଁ ଲାଗିଥିଲା। ତାଙ୍କୁ ଡାକ୍ତରଖାନା ନେବା ବଦଳରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ଅଟୋରେ ଘରକୁ ପଠାଇ ଦେଇଥିଲେ ବୋଲି ଛାତ୍ରଙ୍କ ବାପା ମୃତ୍ୟୁଞ୍ଜୟ ଡିଗାଲ ଅଭିଯୋଗ କରିଛନ୍ତି। ମା' ଛେଉଣ୍ଡ ପୁଅକୁ ଡାକ୍ତରଖାନା ନେଇ ଚିକିତ୍ସା କରାଉଥିଲେ। ପୁଅର ଗୋଡ଼ ବହୁ ମାତ୍ରାରେ ପୋଡ଼ି ଯାଇଥିବାରୁ ଭଲ ହେବାରେ ଡେରି ହେଉଛି। ଅର୍ଥ ଅଭାବରୁ ଚିକିତ୍ସାରେ ଅସୁବିଧା ହେଉଥିବା କହିଛନ୍ତି ମୃତ୍ୟୁଞ୍ଜୟ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁ ଏପରି ସମସ୍ୟା ହୋଇଥିବା ସେ ଅଭିଯୋଗ କରିଛନ୍ତି। ଘଟଣା ସତ୍ତ୍ୱେ ସେଠାରେ କେହି ବିଦ୍ୟାଳୟ କର୍ତ୍ତୃପକ୍ଷ ନଥିବା ଆଶ୍ଚର୍ଯ୍ୟର ବିଷୟ ଏବଂ ସ୍କୁଲ ହତାରେ ପେଟ୍ରୋଲ ମିଶ୍ରିତ ପଦାର୍ଥ ପିଲାଙ୍କ ଖେଳ ସାମଗ୍ରୀ କିପରି ହେଲା



# ଟ୍ରକକୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଫାଇନ୍

● ଥାନାରେ ଜିମା ଦେଲା ପରିବହନ ବିଭାଗ




**ସାନଖେମୁଣ୍ଡି, ୧୫।୩(ସମିସ):** ଗଞ୍ଜାମ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଚେକିଂ ହେଉଛି। ଏହି ଅଭିଯାନରେ ଏକ ଟ୍ରକ୍ ନିୟମ ଉଲ୍ଲଂଘନ କରି ଚାଲୁଥିବା ଧରାପଡ଼ିବାରୁ ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। (ଓଡ଼ି୦୨କ୍ୟୁ-୫୧୪୯) ନମ୍ବର ବିଶିଷ୍ଟ ଏହି ଟ୍ରକ୍‌ଟି ବିଭିନ୍ନ ପରିବହନ ନିୟମ ଉଲ୍ଲଂଘନ କରୁଥିବା ଧରାପଡ଼ିଥିବାରୁ ପରିବହନ ବିଭାଗ ପକ୍ଷରୁ ଏହା ଉପରେ ୧, ୧୬, ୩୬୫ ଟଙ୍କା ଫାଇନ୍ କରାଯାଇଛି। ସେଥିସହିତ ଉକ୍ତ ଟ୍ରକକୁ ଜବତ କରି ପାଟପୁର ଥାନା ଜିମା ଦିଆଯାଇଛି। ଗାଡ଼ିର ଇନ୍ସୁରାନ୍ସ, ପଲ୍ୟୁସନ, ଫିଟ୍‌ନେସଠାରୁ ଆରମ୍ଭ କରି ଅନ୍ୟାନ୍ୟ କୌଣସି କାଗଜପତ୍ର ନଥିବା ବେଳେ ଶେରଗଡ଼ରୁ ଦିଗପହଣ୍ଡି ଅଭିମୁଖେ ଯାଉଥିବା ଏହାକୁ ପାଟପୁର ଜେଲ୍ ନିକଟରେ ଅଟକାଇଥିଲେ ଗଞ୍ଜାମ ଆର୍‌ଟିଓ। କାଗଜପତ୍ର ଯାଞ୍ଚ ପରେ ଥାନାରେ ରଖି ଫାଇନ୍ ପକାଯାଇଛି।

## ଗଞ୍ଜାମରେ ମହିଳା ସୁରକ୍ଷାର ନଗ୍ନ ଚିତ୍ର

# ମାସକୁ ୭ ଜଣ ଦୁଷ୍କର୍ମର ଶିକାର!

● ୨୦୨୫ ମସିହାରେ ୧୯୪ଟି ଦୁଷ୍କର୍ମ ମାମଲା

● ବର୍ଷକରେ ୬ଶହ ଜଣଙ୍କୁ ଅସଦାଚରଣ

**ବ୍ରହ୍ମପୁର, ୧୫।୩(ସମିସ)**

ମହିଳାଙ୍କ ସୁରକ୍ଷାକୁ ସରକାର ଗୁରୁତ୍ୱ ଦେଉଥିବା ନେଇ ଡିଣ୍ଡିମ ପିଟୁଛନ୍ତି। ହେଲେ ଅପରାଧ କ୍ଷେତ୍ରରେ ୧ନମ୍ବର ସାଜିଥିବା ଗଞ୍ଜାମ ଜିଲ୍ଲାରେ ମହିଳା ଅସୁରକ୍ଷିତ ଥିବା ସ୍ପଷ୍ଟ ହୋଇଛି। ଲାଗୁଛି ସତେ ଯେମିତି ମହିଳାଟିଏ ଏଠାରେ ଘରୁ ବାହାରକୁ ପାଦ କାଢ଼ିବା ବିପଦ। ଏକଥା ଆମେ କହୁ ନାହୁଁ ବରଂ ପୁଲିସର ରେକର୍ଡ ଅନୁଯାୟୀ ଥାନାର ମାମଲା ସଂଖ୍ୟା ଓ ପୀଡ଼ିତାଙ୍କ ସଂଖ୍ୟା ହିଁ ଏଭଳି ଘଟଣାର ନଗ୍ନଚିତ୍ର ବଖାଣୁଛି। ରାଜନେତା ତଥା ନିର୍ବାଚିତ ଜନ ପ୍ରତିନିଧିମାନେ କାହିଁକି ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରୁନାହାନ୍ତି ତାହା ଏବେ ପ୍ରଶ୍ନବାଚୀ। ୨୦୨୫ ବର୍ଷର ଅପରାଧ ରେକର୍ଡ ସମସ୍ତଙ୍କ ମୁଖା ଖୋଲି ଦେଇଛି। ସମଗ୍ର ରାଜ୍ୟରେ ମୋଟ ୨୮୧୮ଟି ମହିଳା ହିଂସା ସମ୍ପର୍କିତ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ସେଥିରୁ ଗଞ୍ଜାମ ପୁଲିସ ଜିଲ୍ଲାରେ କେବଳ ୨୧୮୭ଟି ମାମଲା ଦାୟର ହୋଇଥିବା ଜଣାପଡ଼ିଛି। ସେହିଭଳି ଗଞ୍ଜାମ ପୁଲିସ ଜିଲ୍ଲାରେ ୧୧୩ଟି ଦୁଷ୍କର୍ମ ମାମଲା ଥାନାରେ ଦାଏର ହୋଇଛି। ଗ୍ରାମାଞ୍ଚଳରେ ଏତେ ସଂଖ୍ୟକ ଦୁଷ୍କର୍ମ ମାମଲା କାହିଁକି ରୁଜୁ ହେଉଛି ତାହାର କାରଣ ସ୍ପଷ୍ଟ ହୋଇପାରୁନି। ସେହିପରି ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୮୧ଟି ଦୁଷ୍କର୍ମ ଓ ୪୮ଟି ଅସଦାଚରଣ ମାମଲା ରୁଜୁ ହୋଇଛି। ଗ୍ରାମାଞ୍ଚଳ ଭଳି ସହରରେ ମଧ୍ୟ ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଥିବା ଏଥିରୁ ସ୍ପଷ୍ଟ ହେଉଛି।

ସମଗ୍ର ଜିଲ୍ଲାରେ ବର୍ଷକରେ ୧୯୪ଜଣ ଦୁଷ୍କର୍ମର ଶିକାର ହୋଇଛନ୍ତି। ଏଭଳି ସ୍ଥଳେ ଆଉ କିଛି ଘଟଣାରେ ପୀଡ଼ିତା ଓ ସେମାନଙ୍କ ସମ୍ପର୍କୀୟ ଲୋକ ଲଜ୍ଜାରୁ ଘଟଣାକୁ ଚପାଇବାକୁ ଉଦ୍ୟମ କରିଥିବା ତାହା ହେଲେ ଏହି ସଂଖ୍ୟା ଆହୁରି ଅଧିକ ହେବ। ମୋଟାମୋଟି ଭାବେ ଦେଖିବାକୁ ଗଲେ ଗଞ୍ଜାମ ଜିଲ୍ଲାରେ ମାସକୁ ହାରାହାରି ୭ଜଣ ଦୁଷ୍କର୍ମର ଶିକାର ହେଉଛନ୍ତି। ଏହାକୁ ବାଦ୍ ଦେଲେ ଦୁଷ୍କର୍ମ ଉଦ୍ୟମ, ଅସଦାଚରଣ, ଯୌନ ଶୋଷଣ, ସର୍ବସାଧାରଣରେ ଅପମାନିତ, କମେଣ୍ଟମରା, ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିବା, ଯୌନ ସମ୍ପର୍କ ପରେ ବିବାହ ନକରିବା ଆଦି ଭଳି ସଂଗୀନ ମାମଲା ବି ଥାନାକୁ ଆସୁଛି। ୫୫ଜଣ ମହିଳାଙ୍କୁ ଅଭିଯୁକ୍ତମାନେ ବିବାହର ପ୍ରତିଶ୍ରୁତି ଦେଇ ଯୌନ ଶୋଷଣ କରିବା ସହିତ ପ୍ରତାରଣା କରିଥିବା ଜଣାପଡ଼ିଛି। ୧୫୯ଜଣ ମହିଳା ସର୍ବସାଧାରଣରେ ଅପମାନିତ ହୋଇଥିବା ବେଳେ ୪୦୮ଜଣ ଅପରହଣର ଶିକାର ହୋଇଛନ୍ତି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଗୋପାଳପୁର ଗଣଦୁଷ୍କର୍ମ ଓ ଗଞ୍ଜାମ ପୁଲିସ ଜିଲ୍ଲାରେ ୭ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଭଳି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଉପ ମୁଖ୍ୟମନ୍ତ୍ରୀ ଗୋପାଳପୁର ଘଟଣା ପରେ ଜିଲ୍ଲା ଗସ୍ତରେ ଆସି ମହିଳା ସୁରକ୍ଷାକୁ ସୁନିଶ୍ଚିତ କରାଇଥିଲେ। ସାଧନ ଓ ସୁରକ୍ଷାକର୍ମୀ ଥାଇ ମଧ୍ୟ ଗାଁରୁ ସହର ପର୍ଯ୍ୟନ୍ତ ସବୁଠି ଯଦି ମହିଳା ହିଂସା ବଢ଼ିବ ତେବେ ଆଗକୁ ମହିଳାମାନେ ଘରୁ ବାହାରିବାକୁ ଗୋଡ଼ କାଢ଼ିବା ପୂର୍ବରୁ ବହୁଥର ଚିନ୍ତା କରିବେ। ଏଣୁ ମହିଳାଙ୍କ ସୁରକ୍ଷାକୁ ନେଇ ଭାଷଣବାଜି ନକରି ସୁରକ୍ଷା ଓ କାର୍ଯ୍ୟାନୁଷ୍ଠାନ ପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

## ୯୫ ୟୁନିଟ ରକ୍ତ ସଂଗୃହୀତ

**ରଙ୍ଗେଇଲୁଣ୍ଡା, ୧୫।୩(ସମିସ):** ରଙ୍ଗିପୁର ପଞ୍ଚାୟତ ଅଧିନସ୍ଥ ରାଳବ କଲ୍ୟାଣ ମଣ୍ଡପରେ ଅଟଳ ସେନା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୁବନେତା ସୁନୀଲ ପାତ୍ର, ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ପ୍ରତିନିଧି ବ୍ରଜ ମୋହନ ନାୟକ, ରାଜସ୍ୱ ପ୍ରତିନିଧି ଗୌରୀ ସାମନ୍ତରାୟ, ଶିକ୍ଷା ପ୍ରତିନିଧି ଗଙ୍ଗାଧର ଶତପଥୀ, ରଙ୍ଗିପୁରା ପୂର୍ବତନ ସରପଞ୍ଚ ଗଣେଶ ପାତ୍ର ଯୋଗେ ଦେଇ ରକ୍ତଦାନ ଶିବରକୁ ଉଦଘାଟନ କରିଥିଲେ। ଶିବିରରେ ମୋଟ ୯୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ଉପସ୍ଥିତ ଅତିଥିମାନେ ରକ୍ତଦାନ ଏକ ମହତ ଦାନ ଏଣୁ ଏପରି ମହତ କାର୍ଯ୍ୟ ଆଗକୁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଯୁବ ସମାଜସେବୀ ବିକ୍ରମ ଦାସ, ଶିବ ପାତ୍ର, ହୃଷୀକେଶ ବେହେରା, ଅଜିତ ପାତ୍ର, ଗୋପୀନାଥ ମହାରାଣା, ସଲିପ ପାତ୍ର, ଶିବ ଦଳେଇ, ବସନ୍ତ ନାୟକ, ଗୌତମ ବେହେରା, ଦୁର୍ଯ୍ୟୋଧନ ପାତ୍ର ଓ ବହୁ ଯୁବକ ସାମିଲ ହୋଇଥିଲେ।

## ଦିବ୍ୟଜୀବନ ସଂଘରେ ଗୀତାଜ୍ଞାନ ପ୍ରବଚନ

**କବିସୂର୍ଯ୍ୟନଗର, ୧୫।୩(ସମିସ):** କବିସୂର୍ଯ୍ୟନଗର ଦିବ୍ୟ ଜୀବନ ସଂଘ ଶାଖା ପକ୍ଷରୁ ଗୀତା ଜ୍ଞାନ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ସ୍ଥିତ ପୂଜ୍ୟ ବ୍ରହ୍ମଚାରୀ ଅନୁରାଗ ଚୈତନ୍ୟ ପ୍ରବଚକ ଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟା ୬ରୁ ସାଢେ ୮ଟା ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ସେହିପରି ପ୍ରତ୍ୟେହ ସକାଳ ୭ରୁ ୮ଟା ପର୍ଯ୍ୟନ୍ତ ମନୀଷା ପଞ୍ଚକର୍ମ ଆଲୋଚନା ହେଉଥିଲା। ଅଞ୍ଚଳବାସୀଙ୍କ ଆଧ୍ୟାତ୍ମିକ ଚେତନା, ନୈତିକତା ତଥା ସାମାଜିକ ମୂଲ୍ୟବୋଧ ବିକାଶ ନିମିତ୍ତ ପାଇଁ ପ୍ରତି ମାସରେ ପାଞ୍ଚଦିନ ଏହିଭଳି ଅନୁଷ୍ଠିତ ହେବ। ଏଥିରେ ଶତାଧିକ ଭକ୍ତ ଯୋଗ ଦେଇଥିଲେ। ସଭାପତି ବନମାଳୀ ସ୍ୱାଇଁ, ସମ୍ପାଦକ ବଂଶୀଧର ନାହାକ, ପ୍ରତିଷ୍ଠାତା ଜି. ଗୌରୀନାରାୟଣ ପାତ୍ର, କୋଷାଧ୍ୟକ୍ଷ ଶଙ୍କର ବେହେରା, ସଭ୍ୟ ସଦାନନ୍ଦ ମାଝୀ, ଗଙ୍ଗାଧର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଖଲ୍ଲିକୋଟ ଥାନା ପକ୍ଷରୁ ଚିଲିକା କୂଳ ସଫେଇ

**ଖଲ୍ଲିକୋଟ, ୧୫।୩(ସମିସ):** ଖଲ୍ଲିକୋଟ ଥାନା ପକ୍ଷରୁ ଚିଲିକା କୂଳ ସଫେଇ କରାଯାଇଛି। ଚିଲିକା କୂଳରେ ଥିବା ତେନ୍ତୁଳିଆପଡ଼ା ପେଣ୍ଠ ଠାରୁ ଗୁପ୍ତେଶ୍ୱର ମନ୍ଦିର ନିକଟରେ ଥିବା ଭିଉ ପଏଣ୍ଟ ପାଖାପାଖି ଦୁଇ କିଲୋମିଟର ପର୍ଯ୍ୟନ୍ତ ବେଳାଭୂମିକୁ ସଫେଇ କରାଯାଇଥିଲା। ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ଥାନା ଏସଆଇ ମାନସୀ ସାହୁ, ପିଙ୍କିନି ପଟ୍ଟନାୟକ, ଏଏସଆଇ ହରିକୃଷ୍ଣ ସାମଲ, ଅଭିମନ୍ୟୁ ପାଣ୍ଡେ, କନେଷ୍ଟବଳ ରମାକାନ୍ତ ନାୟକ, ଅଜୟ କୁମାର ବେହେରାଙ୍କ ସମେତ ଥାନାର ଅନ୍ୟାନ୍ୟ କର୍ମଚାରୀ ଏବଂ କେଶପୁର ସରପଞ୍ଚ ବିଚିତ୍ର କୁମାର ଜାଲି, ଜିଲ୍ଲା ପରିଷଦ ସଭ୍ୟ ବିନାୟକ ଜାଲି ଓ ଆଖପାଖ ସବୁ ଗାଁର ଶତାଧିକ ଯୁବକ ସାମିଲ ଥିଲେ।

## ନିମଖଣ୍ଡିରେ ନବ ଭାରତ ସାକ୍ଷରତା ପରୀକ୍ଷା

**କୁକୁଡାଖଣ୍ଡି, ୧୫।୩(ସମିସ):** ରବିବାର ଦିନ ନିମଖଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମୌଳିକ ସାକ୍ଷରତା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ସାହୁଙ୍କ ନେତୃତ୍ୱରେ ସହକାରୀ ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ସାହୁ, ରୀତାରଶ୍ମୀ ବେହେରା ଓ ସିଆରସିସି ଲୋକନାଥ ପାଢ଼ୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ତଦାରଖ ପାଇଁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼ା. ପ୍ରଭାତୀ କୁମାରୀ ମହାପାତ୍ର ଓ ବିଆରସିସି ଶ୍ରୀ ବସନ୍ତ କୁମାର ସେଠୀ ଉପସ୍ଥିତ ରହିଥିଲେ। ସେମାନେ ପରୀକ୍ଷାର୍ଥୀଙ୍କୁ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ଏସଆଇଓଏସ୍ ମାଧ୍ୟମରେ ମାଟ୍ରିକ ପରୀକ୍ଷା ଦେବାକୁ ପ୍ରୋତ୍ସାହିତ କରିଥିଲେ। ଏହି ପରୀକ୍ଷାରେ ନିମଖଣ୍ଡି ଗ୍ରାମର ମୋଟ ୩୬ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ।

## 'ଏ ଆଖି କାନ୍ଦୁଛି ତୋରି ପାଇଁ' ନାଟକର ବହିପୂଜା



**କବିସୂର୍ଯ୍ୟନଗର, ୧୫।୩(ସମିସ):** କବିସୂର୍ଯ୍ୟନଗର ଧୋବାପୁଞ୍ଜା ଦଣ୍ଡନାଚର ରାତ୍ରିକାଳୀନ ଯାତ୍ରା ପାଇଁ ଶୁକ୍ରବାର ନାଟ୍ୟ କମିଟି, ସାହିବାସିନ୍ଦା ଉପସ୍ଥିତରେ ବହିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଦଣ୍ଡନାଚ ମହାସଂଘ ସଭାପତି ବ୍ରଜସୁନ୍ଦର ମଳିକ, ଏନଏସି ଅଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ସୂର୍ଯ୍ୟନାରାୟଣ ନାୟକ, ମୁରଲୀଧର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଡ଼ଃ. ନିହାର ରଞ୍ଜନ ମହାନ୍ତିଙ୍କ ଦ୍ୱାରା ରଚିତ ସାମାଜିକ ନାଟକ 'ଏ ଆଖି କାନ୍ଦୁଛି ତୋରି ପାଇଁ' ନିର୍ଦ୍ଦେଶକ ଭାବେ ସୁବାସ ଚନ୍ଦ୍ର ପଣ୍ଡା, ସଭାପତି ବିଦୂଭୂଷଣ ସେଠି, ପରିଚାଳକ ପ୍ରଫୁଲ୍ଲ ବେହେରା, ଅଧିକାରୀ ଗୌରହରୀ ବେହେରା, ମୁଖ୍ୟ ପରିଚାଳକ ବଳରାମ ସେଠି, ନାଟ୍ୟ ପରିଚାଳକ ଦଣ୍ଡପାଣି ସେଠି, କୋଷାଧ୍ୟକ୍ଷ ବିପ୍ର ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନାଟ୍ୟ ସହଯୋଗୀ ଭାବେ ମୁରଲୀଧର ସେଠୀ, ଲକ୍ଷ୍ମଣ ସେଠୀ, ସୁବାସ ସେଠୀ, ବୁଲୁ ସେଠୀ ଉପସ୍ଥିତ ଥିଲେ।

## ପୁଲିସ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଗଞ୍ଜାମ, ୧୫।୩(ସମିସ):** ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇଙ୍କ ପରାମର୍ଶ କ୍ରମେ ଗଞ୍ଜାମ ଓ ରମ୍ଭା ଥାନା ପକ୍ଷରୁ ବଟେଶ୍ୱର ଓ ଗୋଖରକୁଦା ନିକଟସ୍ଥ ବେଳାଭୂମି ସଫେଇ କରାଯାଇଛି। କାର୍ଯ୍ୟକ୍ରମରେ ବଟେଶ୍ୱର ଐତିହ୍ୟ ସଂରକ୍ଷଣ ପରିଚାଳନା କମିଟିର ଛଅ ଖଣ୍ଡ ଗ୍ରାମର ଯୁବ ଗୋଷ୍ଠୀ ସାମିଲ ହୋଇଥିଲେ। ରମ୍ଭା ଥାନା ଏଏସଆଇ ପ୍ରଶାନ୍ତ ପ୍ରଧାନ, ହୁମ୍ମା ଫାଣ୍ଡି ଅଧିକାରୀ ସତ୍ୟବ୍ରତ ବେଣିଆ, ଉପଦେଷ୍ଟା ଦିଲ୍ଲୀପ କୁମାର ଛୋଟରାଏ, କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, ଉପସଭାପତି ଶବର ତରାଇ, ସମ୍ପାଦକ ରଞ୍ଜିତ ପଲାଇଙ୍କ ସମେତ ସମସ୍ତ ସଦସ୍ୟ ଓ ରମ୍ଭା ଅଞ୍ଚଳର ଗରିବର ବନ୍ଧୁ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଗୋଖରକୁଦା ବେଳାଭୂମି ସଫେଇରେ ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର, ଏଏସଆଇ ସୁଦୀପ୍ତ କୁମାର ସାହୁ, ସୁପ୍ରଭା ସାହୁଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



● ଶ୍ରୀରଘୁନାଥ ମହାପ୍ରଭୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମୌଳାଭଞ୍ଜା କ୍ରିକେଟ୍ ଟିମ୍ ବିଜୟୀ



**ଦିଗପହଣ୍ଡି, ୧୫।୩(ସମିସ):** ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ଗ୍ରାମରେ ଚାଲିଥିବା ଶ୍ରୀରଘୁନାଥ ମହାପ୍ରଭୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗଡ଼ଗୋବିନ୍ଦପୁର ଯୁବକ ସମାଜ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ଗ୍ରାମ କ୍ରିକେଟ ଟିମ୍ ପ୍ରତିପକ୍ଷ ପାତ୍ରପୁର ବ୍ଲକ ଗୁଣ୍ଡୁରା ଗ୍ରାମ କ୍ରିକେଟ ଟିମ୍‌କୁ ପରାଜିତ କରି ଚାମ୍ପିଅନ ହୋଇଥିଲା।

ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଗୁଣ୍ଡୁରା ୭ ୱିକେଟ ବିନିମୟରେ ୧୪୦ ରନ ସଂଗ୍ରହ କରିଥିଲା। ଜବାବରେ ମୌଳାଭଞ୍ଜା ଗ୍ରାମ କ୍ରିକେଟ ଟିମ୍ ୭ ୱିକେଟ ବିନିମୟରେ ୧୪୨ ରନ ହାସଲ କରି ବିଜୟୀ ହୋଇଥିଲା। ସୁମନ ବେହେରା ଓ ପପୁ ପ୍ରଧାନ ଅମ୍ପାୟରିଂ କରିଥିଲେ। ପୁରସ୍କାର ବିତରଣ ସଭାରେ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ଇନ୍ଦ୍ର ପ୍ରଧାନ, ଜଗଦୀଶ ସାହୁ, ପ୍ରଦୀପ ପ୍ରଧାନ, ପ୍ରତାପ ସାହୁ, ତାରା ସାହୁ, ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜକ କମିଟି କାର୍ଯ୍ୟକର୍ତ୍ତା ଦେବାଶିଷ ପ୍ରଧାନ, ସୁନୀଲ ପ୍ରଧାନ, ଲକ୍ଷ୍ମୀକାନ୍ତ ସାହୁ, ଅରୁଣ ସାହୁ, ବବୁଲ ପ୍ରଧାନ, ମୁକୁନ୍ଦ ପ୍ରଧାନ, ମିଟୁ ପ୍ରଧାନ, ମିଥୁନ ରେଡ୍ଡୀ, ନରସିଂହ ସାହୁ, ସନ୍ତୋଷ ବେହେରା, ପବିତ୍ର ସାହୁଙ୍କ ସମେତ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ପୁରୁଷୋତ୍ତମପୁର, ୧୫।୩(ସମିସ):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ନରସିଂହ ଦାସ ଉଚ୍ଚ ବିଦ୍ୟାଳୟରେ ମାଇଁ ଭାରତ କେନ୍ଦ୍ର ଓ ଜୟ ଶ୍ରୀରାମ ଯୁବକ ସଂଘ ସହଯୋଗରେ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯୁବକ ସଂଘ ସଦସ୍ୟ ପି.ସତ୍ୟ ନାରାୟଣ ପାତ୍ର ଓ ସଭାପତି କେ.ରମେଶ ଦୋରା, ପୂର୍ଣ୍ଣଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ପୁରୁଷୋତ୍ତମପୁର ବ୍ଲକ ଅଧ୍ୟକ୍ଷ ପିଙ୍କି ବେହେରା ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକ କ୍ରୀଡାବିତ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ଜଗନ୍ନାଥ ଜେନା, ବାଲ୍ୟକୃଷ୍ଣ ପଲେଇ, ସମ୍ବିତ ବଳିୟାର ସିଂ, କାଳୁ ମାହାଙ୍କୁଡ ଓ ଆୟୁଷ ସାର୍ ପରିଚାଳନା କରିଥିଲେ। ସମସ୍ତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା କ୍ରୀଡାବିତମାନଙ୍କୁ ମାଇଁ ଭାରତ କେନ୍ଦ୍ର ବ୍ରହ୍ମପୁର ଶାଖାର ଜିଲ୍ଲା ଯୁବ ଅଧିକାରୀ ଅକ୍ଷୟ ନିପାନେଙ୍କ ସହ ଅତିଥି ମାନଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଖଲ୍ଲିକୋଟ ବିଧାୟକ ପ୍ରତିନିଧି ସୁଦର୍ଶନ ବେହେରା, ସମାଜସେବୀ କୃଷ୍ଣଚନ୍ଦ୍ର ନାୟକ, ବିଜେପି ମଣ୍ଡଳ ସଭାପତି ନିଳାଞ୍ଚଳ ମହାରଣା, ଟୁକୁନା ବେହେରା, ଦେବରାଜ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ସଂଘର ସଦସ୍ୟ ପି ସତ୍ୟନାରାୟଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ଅବ୍ୟବସ୍ଥାରେ ଫିରିଙ୍ଗିଆ ବ୍ଲକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

# ପାଣି ନାହିଁ କି ବିଦ୍ୟୁତ୍ ନାହିଁ; ମିଳୁନି ଉପଯୁକ୍ତ ସେବା

**ଫିରିଙ୍ଗିଆ, ୧୫।୩(ସମିସ)**

ସରକାର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଆମ୍ବୁଲାନ୍ସ ଠାରୁ କୋଠା, ଭିତ୍ତିଭୂମି ସହ ଡିଜିଟାଲ ସେବା ବ୍ୟବସ୍ଥା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଠିକାଦାରଙ୍କ ଅବହେଳା ହେଉ କି ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ କୋଟି କୋଟି ଟଙ୍କା ବ୍ୟୟରେ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ହେଉ କି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ହେଉ ନିର୍ମାଣ ପରେ ବର୍ଷ ବର୍ଷ ବିତିଥିଲେ ମଧ୍ୟ କାମରେ ଲାଗୁନି। ବର୍ତ୍ତମାନ ଏମିତି ଅବ୍ୟବସ୍ଥାରେ ଫିରିଙ୍ଗିଆ ବ୍ଲକର କୋଟି କୋଟି ଟଙ୍କାରେ ନିର୍ମାଣାଧୀନ ସାତଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରହିଛି। ବନ୍ଧଗଡ଼, ଫିରିଙ୍ଗିଆ, କାଶିନୀପଦର, ମୁସେଲୀପାଙ୍ଗା, ସାଡାଙ୍ଗିଆ, ଗୋଚ୍ଛାପଡ଼ା, ରବିଙ୍ଗିଆ, ଟେଲାପାଲୀ ଭଳି ୭ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ କରାଯାଇଛି। ବର୍ତ୍ତମାନ କିଛି ବର୍ଷ ପୂର୍ବରୁ କୋଠା ନିର୍ମାଣ ସହ ବିଭାଗକୁ ହସ୍ତାନ୍ତର କରାଯାଇଛି। ବିଭାଗୀୟ ଅଧିକାରୀ ମଧ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଚଳାଉଛନ୍ତି। କିଛି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ କିଛି ତ୍ରୁଟି ଯୋଗୁଁ କୋଠା ସମ୍ପୂର୍ଣ୍ଣ କରିଥିଲେ ମଧ୍ୟ ବିଭାଗକୁ ହସ୍ତାନ୍ତର କରାଯାଇନଥିବା ସୂଚନା ମିଳିଛି। ବର୍ତ୍ତମାନ ପରିସ୍ଥିତିରେ ସବୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ କୌଣସି କୋଠାରେ ବିଦ୍ୟୁତ ସଂଯୋଗ କିମ୍ବା ପାଣି ବ୍ୟବସ୍ଥା ହୋଇ ପାରିନାହିଁ। ଏହା ଦ୍ୱାରା ସମସ୍ତ ଆରୋଗ୍ୟ ମନ୍ଦିରରେ ଥିବା ଶୌଚାଳୟ କାମରେ ଲାଗୁନି। ରୋଗୀ ଆସିଲେ ପାଣି ଟୋପାଏ ପାଇ ପାରୁନାହାନ୍ତି। ଯାହାଦ୍ୱାରା ରୋଗୀ କିମ୍ବା ସମ୍ପର୍କୀୟ କେହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଯାଉନଥିବା ବେଳେ କୌଣସି କାମରେ ଲାଗୁ ନାହିଁ। ଏଏନଏମ ଏବଂ ଦାୟିତ୍ୱରେ ଥିବା ଅଧିକାରୀ ମଧ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଗଲେ ଦିନ ତମାମ ବସି ବସି ଫେରିବାକୁ ପଡୁଛି। ଯାହାଦ୍ୱାରା କିଛି କାମରେ ଲାଗୁନି। ବର୍ତ୍ତମାନ କୋଠା ରେ ବିଦ୍ୟୁତ ସଂଯୋଗ ପାଇଁ ସାଧାରଣ ଭାବରେ ୱାରିଙ୍ଗ ମଧ୍ୟ ହୋଇ ପାରିନାହିଁ ପାଣି ବ୍ୟବସ୍ଥା ଦୂରର କଥା। ଏ ସମ୍ପର୍କରେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧୀନ ଦାୟିତ୍ୱ ରେ ଥିବା ଅଧିକାରୀ ସୁମନ୍ତ କୁମାର ମାଝୀଙ୍କୁ ପଚାରିବାରୁ କିଛି ବର୍ଷ ପୂର୍ବରୁ କୋଠା ସମ୍ପୂର୍ଣ୍ଣ ପରେ ହସ୍ତାନ୍ତର କରାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ କୋଠା ଗୁଡିକରେ ବିଦ୍ୟୁତ ସଂଯୋଗ କିମ୍ବା ପାଣି ବ୍ୟବସ୍ଥା କରାଯାଇନଥିବାରୁ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ୱୀକାର କରିଛନ୍ତି। କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ଅବହେଳା କରିଥିବା ଠିକାଦାର ଓ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଥିବା ବେଳେ ଆଗାମୀ ଦିନରେ ଜନସାଧାରଣ ଏବଂ ରୋଗୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବିଦ୍ୟୁତ ସଂଯୋଗ ସହ ପାଣି ବ୍ୟବସ୍ଥା କରା ନଗଲେ କାମରେ ଲାଗିବା ପୂର୍ବରୁ ନଷ୍ଟ ହେବ ବୋଲି କୁହାଯାଉଛି।



## ମହାବାରୁଣୀ ସ୍ନାନ ନିମନ୍ତେ ପ୍ରସ୍ତୁତି ବୈଠକ

**ଆସିକା, ୧୫।୩(ସମିସ):** ଋଷୁକୁଲ୍ୟା ଓ ବଡ଼ ନଦୀର ସଙ୍ଗମସ୍ଥଳରେ ମଙ୍ଗଳବାର ହେବାକୁ ଥିବା ମହାବାରୁଣୀ ସ୍ନାନ ନିମନ୍ତେ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଆସିକା ଏବଂ ବରଗାଁ ନିକଟସ୍ଥ ସଙ୍ଗମ ସ୍ଥଳରେ ସୋମବାର ରାତ୍ର ଠାରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହେବ। ଚଳିତବର୍ଷ ମହାବାରୁଣୀ ସ୍ନାନ ମଙ୍ଗଳବାର ହେଉଥିବାରୁ ହଜାର ହଜାର ଲୋକ ଉପସ୍ଥିତ ରହି ପିତୃ ପୁରୁଷଙ୍କ ପିଣ୍ଡଦାନ, ଅସ୍ଥି ବିସର୍ଜନ ଏବଂ ସଙ୍ଗମ ସ୍ଥାନରେ ସାନ୍ନ, ଦାନଧର୍ମ କରିବାକୁ ଗହଳଚହଳ ଲାଗି ରହିବ। ଏଥିନିମନ୍ତେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋଟିନାଡ଼ା ଥାନା ଅଧିକାରୀ ଦାମୋଦର ବିହାରୀ, ଆସିକା ଅତିରିକ୍ତ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ଜେନା, ଏଏସଆଇ ସୁଭାଶିଷ ସ୍ୱାଇଁ, ବସନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ବାରୁଣୀ ସମୟରେ ଭକ୍ତ ମାନଙ୍କ ପାଇଁ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ଟ୍ରାଫିକ ସମସ୍ୟା, ଆଲୋକୀକରଣ ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ପାର୍କିଂ, ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ବିଷଦ ଭାବେ ଆଲୋଚନା ହୋଇଥିଲା। ଋଷିକୁଲ୍ୟା ଓ ବଡ଼ନଦୀ ବର୍ତ୍ତମାନ ଶୁଖିଲା ପଡ଼ିଛି। ତେଣୁ ଜଳ ସମ୍ପଦ ବିଭାଗ ଉପର ମୁଣ୍ଡରୁ ଜଳ ଛାଡିବାକୁ ଅନୁରୋଧ କରାଗଲା। ବୈଠକରେ ଆଇନଜୀବୀ, ବୁଦ୍ଧିଜୀବୀ, ଅନିଲ କୁମାର ପାଣିଗ୍ରାହୀ, ଆଇନଜୀବୀ ସନ୍ତୋଷ କୁମାର ପାଣିଗ୍ରାହୀ, ଯୁବନେତା ସତ୍ୟନାରାୟଣ ସ୍ୱାଇଁ, ଯୁବ ବ୍ୟବସାୟ ନିଗମାନନ୍ଦ ମହାନ୍ତି, ଯୁବ ବ୍ୟବସାୟୀ ଗଣେଶ ମହାନ୍ତି, ବିଜୟ ସ୍ୱାଇଁ, ଆଇନଜୀବୀ ବିଦେଶୀ ନାହାକ, ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ରାକେଶ ପାତ୍ର, ସମେତ ପୂର୍ତ୍ତ, ଅଗ୍ନିଶମ ଅଧିକାରୀ, ସ୍ୱାସ୍ଥ୍ୟ, ଏନଏସି, ଗ୍ରାମ କମିଟି ସଦସ୍ୟ, ଗ୍ରାମ୍ୟ ଜଳ ପରିମଳ ବିଭାଗ, ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

